୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.35 Bhubaneswar Sunday March 10 2024 | ୨୬ତମ ବର୍ଷ ସଂଖ୍ୟା-୩୫ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ମେଣ୍ଟ ସସପେନ୍ସ : ବ୍ୟାକଫୁଟରେ ବିଜେଡି, ଘରୁ ବାହାରୁ ନାହାନ୍ତି ନେତା, କର୍ମୀ ହତାଶ

ଭୁବନେଶ୍ୱର,୯ ।୩(ପି.ଏନ): ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଂଟକୁ ନେଇ ସସପେନ୍ସ ଲାଗି ରହିଛି । ବିଜେପି ରାଜ୍ୟରେ ମେଂଟ ସମ୍ଭାବନାକୁ ବାରମ୍ବାର ଖାରଜ କରୁଥିଲେ ମଧ୍ୟ ବିଜେଡି ନିରବ ରହି ଏବେ ନିଜ ଗୋଡରେ କୁରାଢ଼ୀ ମାରିବାରେ ଲାଗିଛି । ସାଧାରଣ ନିର୍ବାଚନକୁ ଆଉ ମାତ୍ର ଦେ ?ମାସ ବାକି ଥିବାବେଳେ ଦଳର ସମ୍ଭାବ୍ୟ ପ୍ରାର୍ଥୀମାନେ ଏବେ ଘରୁ ବାହାରି ପାରୁନାହାନ୍ତି । କର୍ମୀଙ୍କ ଘନଘନ ପ୍ରଶ୍ନବାଣ ଓ ନିଜ ସିଟ୍ କାହା ଭାଗରେ ପଡିବ ତାକୁ ଭୟ କରି ବିଜେଡିର ଆଗଧାଡିର ନେତା-ମନ୍ତ୍ରୀମାନେ ଏବେ ହତାଶ ହୋଇପଡିଥିବା ଜଣାପଡିଛି । ଏପଟେ ସମ୍ଭାବ୍ୟ ମେଂଟକୁ ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ଖାସ୍ ଅନୁଗତ ଭିକେ ପାଣ୍ଡିଆନ ଯେପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ନକରିବେ, ଦଳ ଭିତରେ ଆଶା-ଆଶଙ୍କା ଓ ହତାଶ ସେତେ ବଢ଼ିଚାଲିବ ବୋଲି ଚର୍ଚ୍ଚା ହେଉଛି । ଆଉ ଏଭଳି ସସପେନ୍ସ ମଧ୍ୟରେ ଯଦି ବିଜେପି ସହ ମେଂଟ ନହୁଏ ବିଜେଡି କର୍ମୀ ଓ ନେତାମାନେ କାହାକୁ ଭରସା କରି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ ଓ ସାଧାରଣ




ଲୋକଙ୍କୁ କିଭଳି ସମ୍ମୁଖୀନ ହେବ ତାହା ଏବେ ସେମାନଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ପାଲଟିଛି ।ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ପରେ ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର ମଧ୍ୟ ରାଜ୍ୟରେ ମେଂଟ ସମ୍ଭାବନାକୁ ଖାରଜ କରିଛନ୍ତି । ମେଂଟ ପ୍ରସଙ୍ଗରେ ଚର୍ଚ୍ଚା ପାଇଁ ଦଳର ଦ୍ୱିତୀୟ କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନ ଓ ପ୍ରଣବପ୍ରକାଶ ଦାସ ଦିଲ୍ଲୀ ଯାଇ ଗତକାଲି ଫେରିଥିଲେ ମଧ୍ୟ ବିଜେଡି ଏହି ସମ୍ଭାବ୍ୟ ମେଂଟକୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁନାହିଁ । କିମ୍ବା ଦିଲ୍ଲୀ ଗସ୍ତରେ ଯାଇଥିବାବେଳେ କାହା ସହ କ'ଣ ଆଲୋଚନା ହେଲା ସେ ନେଇ ମଧ୍ୟ ନିଜ ଦଳର ବରିଷ୍ଠ ନେତାମାନଙ୍କୁ ଅବଗତ କରିନଥିବା ଜଣାପଡିଛି । ସୂଚନା ଅନୁସାରେ, ବିଜେପି ନେତାମାନେ ମେଂଟ ପ୍ରସଙ୍ଗରେ ବାରମ୍ବାର ନକରାତ୍ମକ ବୟାନ ଦେବା ଓ ଅନ୍ୟପଟେ ବିଜେପିରେ ମିଶିଥିବା ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ନେତା ଖୋଲାଖୋଲି ଭାବେ ବିଜେଡିକୁ କଟାକ୍ଷ କଲେ ମଧ୍ୟ ଦଳ ସମ୍ପୂର୍ଣ୍ଣ ନିରବ ରହିବାକୁ ନେଇ ବିଜେଡି କର୍ମୀ ଓ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

## ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକଙ୍କ ଗାଡିକୁ ଧକ୍କା ଦେଲା ହାଇୱା

ଭୁବନେଶ୍ୱର,୯ ।୩(ପି.ଏନ): ରାଜ୍ୟ ସରକାରଙ୍କ ଶ୍ରମ ମନ୍ତ୍ରୀ ସାରଦା ନାୟକଙ୍କ ସହ ଘଟିଯାଇଛି ଏକ ଅଘଟଣ । ଗୋଟିଏ ହାଇୱା ମନ୍ତ୍ରୀଙ୍କ ଗାଡିକୁ ଧକ୍କା ଦେଇଥିଲା । ତେବେ ମନ୍ତ୍ରୀ ଗାଡିରେ ନଥିବାରୁ ସେ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ । ଏହି ଦୁର୍ଘଟଣାରେ ଗାଡିର ଡ୍ରାଇଭର ସାମାନ୍ୟ ଆହତ ହୋଇଥିଲେ । ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରାଯାଇଥିବା ଜଣାପଡିଛି । ସୂଚନା ମୁତାବକ, ଗତକାଲି ରାତିରେ ଏହି ଅଘଟଣ ଘଟିଥିଲା । ମନ୍ତ୍ରୀ ବିଭିନ୍ନ ମନ୍ଦିରରେ ଦର୍ଶନ ସାରି ତରକେରା ମନ୍ଦିରରେ ବାବାଙ୍କ ଦର୍ଶନ ନିମନ୍ତେ ମନ୍ଦିର ବେ ?ାରେ ପ୍ରବେଶ କରିଥିଲେ । ତେବେ ଏହି ସମୟରେ ଏକ ହାଇୱା ଦ୍ରୁତ ବେଗରେ ଆସି ଡିଭାଇଡରରେ ପିଟି ହୋଇଯାଇଥିଲା ଓ ତା'ପରେ ମନ୍ଦିର ସମ୍ମୁଖରେ ଛିଡା ହୋଇଥିବା ମନ୍ତ୍ରୀଙ୍କ ଗାଡିକୁ ଧକ୍କା ଦେଇଥିଲା । ତେବେ ସେହି ସମୟରେ ମନ୍ତ୍ରୀ ଗାଡିରେ ନଥିବାରୁ ସୌଭାଗ୍ୟକ୍ରମେ ସେ ବର୍ତ୍ତି ଯାଇଥିଲେ । ମାତ୍ର ଗାଡି ଭିତରେ ଥିବା ଡ୍ରାଇଭର ଏହି ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିଲେ ।

## ଗୁରୁବାର କିମ୍ବା ଶୁକ୍ରବାର ଘୋଷଣା ହେବ ଲୋକସଭା ନିର୍ବାଚନ ତାରିଖ !

ଭୁବନେଶ୍ୱର,୯ ।୩(ପି.ଏନ): ଦେଶରେ ଲୋକସଭା ନିର୍ବାଚନ କେବେ ହେବ, ତା'ର ଘୋଷଣା ଭାରତୀୟ ନିର୍ବାଚନ କମିଶନ ଆସନ୍ତା ଗୁରୁବାର କିମ୍ବା ଶୁକ୍ରବାର ଘୋଷଣା କରି ପାରନ୍ତି । ସୋମବାର ଠାରୁ ବୁଧବାର ଯାଏ ମୁଖ୍ୟ ନିର୍ବାଚନ କମିଶନର ଜମ୍ମୁ-କଶ୍ମୀର ଗସ୍ତ କରିବେ । ସେଠାରେ କେବେ ବିଧାନସଭା ନିର୍ବାଚନ ସହ ଲୋକସଭା ନିର୍ବାଚନ ହେବ, ତା'ର ସ୍ଥିତି ସମୀକ୍ଷା କରିବେ । ଏହି ଗସ୍ତ ଶେଷ ହେବା କ୍ଷଣି ଇସିଆଇ ଦେଶରେ ସାଧାରଣ ନିର୍ବାଚନ କେବେ ହେବ, ତା'ର ତାରିଖ ଘୋଷଣା କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି ।



## ୨୦୧୯ ଫର୍ମୁଲାକୁ ରିପିଟ୍ କଲା ଡିଏମକେ, କଂଗ୍ରେସକୁ ଦେଲା ୯ଟି ଆସନ



ଭୁବନେଶ୍ୱର,୯ ।୩(ପି.ଏନ): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ଡିଏମକେ ସହଯୋଗୀ କଂଗ୍ରେସ ସହ ସିଟ ଶେୟାରିଂ ଫର୍ମୁଲାକୁ ଚୂଡାନ୍ତ କରିଛି । ତାମିଲନାଡୁର ୯ଟି ଲୋକସଭା ଆସନ ଓ ପୁଡୁଚେରୀର ଗୋଟିଏ ଆସନ ଦଳ କଂଗ୍ରେସ ପାଇଁ ଛାଡିଛି ।୨୦୧୯ରେ ମଧ୍ୟ ଡିଏମକେ ସମାନ ରଣନୀତି ଆପଣାଇ ବିଜୟୀ ହୋଇଥିଲା । ୨୦୧୯ରେ କଂଗ୍ରେସ ତାମିଲନାଡୁ ଓ ପୁଡୁଚେରୀରେ ୧୦ଟି ଆସନରେ ପ୍ରାର୍ଥୀ ଦେଇ ୯ଟିରେ ଜିତିଥିଲା । ତାମିଲନାଡୁରେ ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୩୯ ।

## ରତ୍ନଭଣ୍ଡାର ଗଣତି ପାଇଁ ଆବଶ୍ୟକ ପଡ଼ିଲେ ଟେକ୍ନୋଲୋଜିର ସହାୟତା ନିଆଯିବ: ଜଷ୍ଟିସ ଅରିଜିତ ପଶାୟତ

ପୁରୀ,୯ ।୩(ପି.ଏନ): ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଓ ଏହାର ମରାମତି ନେଇ ଆଲୋଚନା ହୋଇଛି । ବୈଠକ ପରେ ଜଷ୍ଟିସ ଅରିଜିତ ପଶାୟତ କହିଛନ୍ତି, ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ୧୯୭୮ ମସିହା କରାଯାଇଥିବା ଗଣତି ତାଲିକା ଉପରେ ଆଲୋଚନା କରାଯାଇଛି । ରତ୍ନଭଣ୍ଡାର ଭିତରକୁ ଯିବା ପାଇଁ କେତେବେଳେ ଉପଯୁକ୍ତ ହେବ ସେ ନେଇ ଅନୁଧ୍ୟାନ କରାଯାଇଛି । ରଥଯାତ୍ରା ବେଳେ ଗଣନା ପାଇଁ ଉପଯୁକ୍ତ ସମୟ ରହିବ ।



୧୯୭୮ ମସିହାରେ ଗଣତି ପାଇଁ ୪ମାସ ଲାଗିଥିଲା । ୧୯୮୫ ମସିହା ପରଠୁ ଆଉ କିଛି ଗଣନା ହୋଇନି । ଆବଶ୍ୟକ ପଡ଼ିଲେ ଗଣତି ପାଇଁ ଟେକ୍ନୋଲୋଜିର ସହାୟତା ନିଆଯିବ । କ୍ୟାମେରା ଲଗାଯାଇ ଅଳଙ୍କାର ଗଣତି ପାଇଁ ପଦକ୍ଷେପ ନିଆଯିବା ସମ୍ପର୍କରେ ଆଲୋଚନା କରାଯାଇଛି ।

## ପଥର ଖସିଲା ବଡ଼ ଦେଉଳରୁ; ସରି ଆସୁଛି କି କଳିଯୁଗ, ସତହେବ କି ମାଳିକା !

ଭୁବନେଶ୍ୱର,୯ ।୩(ପି.ଏନ): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମାଳିକାରେ କଳିଯୁଗ ଶେଷ ବିଷୟରେ ଅନେକ ଘଟଣା-ଅଘଟଣା ବିଷୟରେ ବର୍ଣ୍ଣନା କରାଯାଇଛି । ପତିତ ପାବନରେ ନିଆଁ ଲାଗିବା, ହୀରାକୁଦ ବନ୍ଧ ଭାଙ୍ଗିବା ହେଉ କି ହୀରାକୁଦରେ ଚିତଳ ମାଛର କାହାଣୀ ହେଉ, ଏମିତି ଅନେକ ଘଟଣା କଳିଯୁଗରେ ଘଟିବା ନେଇ ସେ ଲେଖି ଯାଇଛନ୍ତି । ଯାହା ଏବେ ଧିରେ ଧିରେ ସତ ହେଉଥିବା ଦେଖାଯାଉଛି । ମାଳିକାରେ କୁହାଯାଇଥିବା ଅନେକ ଘଟଣା ଏବେ ଘଟିବାରେ ଲାଗିଛି । ତେବେ ମାଳିକାରେ ଲେଖାଯାଇଥିଲା ଯେ, କଳିଯୁଗ ଶେଷ ହେବା ସମୟରେ ଶ୍ରୀମନ୍ଦିରର ୨୨ ପାହାଚରେ ମୀନ ଖେଳିବ । ଯାହା ଧିରେଧିରେ ସତ ହୋଇଥିବା କୁହାଯାଉଛି । ଆଜି ପୁଣି ଥରେ ବଡ଼ ଦେଉଳରୁ ପଥର ଖସିଛି । ଥରେ କି ଦୁଇଥର ନୁହେଁ ବାରମ୍ବାର ଖସୁଛି ପଥର । ପୂର୍ବରୁ ଖସିଥିଲା ଆଉ ଏବେ ବି ଖସିଲା । ସରି ସରି ଆସୁଛିକି କଳିଯୁ । କାରଣ ଯେତେବେଳେ ବି କିଛି ବିଘ୍ନ ହେବାକୁ ଯାଉଛି ପ୍ରଥମେ ଶ୍ରୀମନ୍ଦିର ସୂଚାଇ ଦେଉଛି । ଏଇ ଭିତରେ ମନ୍ଦିର ଉପରେ ଚିଲ ଉଡିଥିଲେ । ମନ୍ଦିରରେ ଫାଟ ଦେଖା ଯାଇଥିଲା ଆଉ ଏବେ ମନ୍ଦିରରୁ ପଥର ଖସିବା କଥା ସାମ୍ନାକୁ ଆସୁଛି । ପଥର ହେଲେ ମନ୍ଦିରର କେଉଁ ସ୍ଥାନରୁ ଖସିଛି କେବେ ଜଣା ପଡୁ ନାହିଁ । କାହା ଉପରେ ବି ପଥର ଖସୁ ନାହିଁ । ପଥର ଖସିବା ଦ୍ୱାରା ଆଜି ପର୍ଯ୍ୟନ୍ତ କାହାର ବି କିଛି କ୍ଷତି ହୋଇନାହିଁ । ପୁରା ଖୋଲା ସ୍ଥାନରେ ଖସୁଛି ପଥର । ଏହି ପଥର ଦକ୍ଷିଣ ପଶ୍ଚିମ ପଟ ମନ୍ଦିରରୁ ଖସିଛି ପଥର । ବରାହ ମନ୍ଦିର ପାଖ ମୁଖ୍ୟ ମନ୍ଦିରରୁ ପଥର ଖସିଛି । ପଥର ଖସି ଏକାଦଶୀ ମନ୍ଦିର ଛାତ କଣା ହୋଇଯାଇଛି ।ଯଦି ଦେଖିବା ଏଏସ୍ଆଇ ପକ୍ଷରୁ ଦକ୍ଷିଣ ଘର ପଛପଟୁ ଅନେକ ପଥର ପରିବର୍ତ୍ତନ କରାଯାଇଥିଲା । ସେହି ସ୍ଥାନରେ ପୁରୁଣା ପଥରକୁ କ ?ା ଯାଇ ନୂଆ ପଥର ମାନ ଲଗା ଯାଇଥିଲା । ଆଉ ସେହି ନୂଆ ପଥର ଗୁଡିକୁ ମଧ୍ୟରୁ ପଥର ଖସିଥିବା ନେଇ ଅନୁମାନ କରାଯାଉଛି । ତେବେ ଏକାଦଶୀ ଛାତ ଉପରେ ପଥର ପଡିଥିବାରୁ କାହାର କିଛି କ୍ଷତି ହୋଇନାହିଁ । ସେପଟେ ସକାଳୁ ସକାଳୁ ଏଏସ୍ଆଇ ଟିମ ଏବଂ ମନ୍ଦିର ପ୍ରଶାସନ ପହଞ୍ଚି ଅନୁଧ୍ୟାନ କରିଛନ୍ତି କେଉଁଠୁ ପଥର ଖସିଛି । ପଥ ଖସିବାକୁ ଶ୍ରଦ୍ଧାଳୁ ମାନେ କଳିଯୁଗ ସରି ସରି ଆସୁଛି ବୋଲି କହିଛନ୍ତି । ସେମାନଙ୍କ କହିବା କଥା ବାରମ୍ବାର ମନ୍ଦିର ଫାଟୁଛି ପଥର ମଧ୍ୟ ଖସୁଛି । ଭଗବାନ କିଛି ଦର୍ଶାଇବାକୁ ଚାହୁଁଛନ୍ତି । ସେ କିଛି କହିବାକୁ ଚାହୁଁଛନ୍ତି । ତେବେ ମନ୍ଦିରରେ କାମ ଚାଲୁଥିବାରୁ ଏମିତି ସବୁ ହେବା ସ୍ୱାଭାବିକ ବୋଲି ଅନ୍ୟ ଲୋମାନେ କହିଛନ୍ତି ।

## ପରିବାର ଲୋକଙ୍କ ସହ ଭୋଜି କରିବାକୁ ଆସି ଇବ୍ ନଦୀରେ ବୁଡିଗଲେ ୩ ନାବାଳକ

ଭୁବନେଶ୍ୱର,୯ ।୩(ପି.ଏନ): ସୁନ୍ଦରଗଡ ଜିଲ୍ଲା ସେମିନାରେ ୩ ଜଣ ନାବାଳକ ଇବ୍ ନଦୀରେ ଗାଧୋଉ ଥିବା ବେଳେ ନିଖୋଜ ହୋଇଯାଇଛନ୍ତି । ଖବର ଲେଖାଯିବା ସୁଦ୍ଧା ସେମାନଙ୍କୁ ଠାବ କରାଯାଇପାରି ନାହିଁ । ଏହି ତିନି ନାବାଳକଙ୍କ ମଧ୍ୟରୁ ଜଣଙ୍କୁ ୧୫ ବର୍ଷ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ୧୨ ଓ ୧୦ ବର୍ଷ ହୋଇଥିବା ଜଣାପଡିଛି । ସେମାନେ ସମସ୍ତେ ସୁନ୍ଦରଗଡର ରିଜେଣ୍ଟ ମାର୍କେଟ ଅଞ୍ଚଳର ବାସିନ୍ଦା ।

## ସମ୍ବଲପୁର ଓ ବ୍ରହ୍ମପୁରରେ 'ମୋ ବସ୍' ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯ ।୩(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବଲପୁର ଓ ବ୍ରହ୍ମପୁର ସହରରେ 'ମୋ ବସ୍' ସେବାର ଶୁଭାରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ ଉଭୟ ସହରରେ ଆଜି ୧୫ଟି ଲେଖାଏଁ ବସ୍ ଚଳାଚଳ ପାଇଁ ସୁବିଧା କରାଯାଇଛି । ସମ୍ବଲପୁର ସହରରେ ସମ୍ବଲପୁର-ବୁର୍ଲା-ହୀରାକୁଦ ମଧ୍ୟରେ ଏହି ବସ୍ ଚଳାଚଳ କରିବ । ସେହିଭଳି ବ୍ରହ୍ମପୁର ସହରରେ ଏମ୍.କେ.ସି.ଜି ମେଡିକାଲ କଲେଜ- ଇଂଜିନିୟରିଂ ସ୍କୁଲ- ରେଲୱେ ଷ୍ଟେସନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବସ୍ ଚଳାଚଳ କରିବ । ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉତ୍ତମ ଯୋଗାଯୋଗ ସମୃଦ୍ଧ



ଭବିଷ୍ୟତର ଆଧାର । ୫-ଟି ଉପକ୍ରମରେ ସାରା ରାଜ୍ୟରେ ଗାଁରୁ ସହର ସବୁଆଡେ ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆସିଛି । ମୋ ବସ୍ ଠାରୁ ଆରମ୍ଭ କରି ଲକ୍ଷ୍ମୀ ଯୋଜନା ଓ ମେଟ୍ରୋ ରେଳ ଯୋଜନା ନୂଆ ଓଡିଶା ଦିଗରେ ଆମର ଉଦ୍ୟମକୁ ଶକ୍ତିଶାଳୀ କରୁଛି । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଆଜି ଆପଣଙ୍କ ସହରରେ ମୋ ବସ୍ ସେବା ଆରମ୍ଭ ହେଲା । ଏହାଦ୍ୱାରା ଆପଣମାନେ ସହର ଭିତରେ ଏବଂ ଆଖପାଖ ଅଞ୍ଚଳକୁ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଯିବାଆସିବା କରି ପାରିବେ । ମୋ ବସ୍ ପାଇଁ ଉଭୟ କ୍ୟାସ୍ ଓ ଡିଜିଟାଲ ମୋଡ୍‌ରେ ପେମେଣ୍ଟ ବ୍ୟବସ୍ଥା ସହିତ 'ମୋ ବସ୍ କାର୍ଡ ଟ୍ୟାପ ଆଣ୍ଡ ପେ' ସୁବିଧା କରାଯାଇଛି ବୋଲି କହି ଏଥିରେ ଯାତ୍ରୀମାନଙ୍କର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ମଧ୍ୟ ସେ କହିଥିଲେ । ସମ୍ବଲପୁର ମୋ ବସ୍ ଗୁଡିକରେ ୯୦ ପ୍ରତିଶତ କଣ୍ଡକ୍ଟର ଭାବେ ମା'ମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ କମ୍ ଖର୍ଚ୍ଚରେ ନିରାପଦ ଯାତ୍ରା ଯୋଗାଇଦେବା ମୋ ବସ ସେବାର ଲକ୍ଷ୍ୟ ବୋଲି ସେ କହିଥିଲେ । ଆଗକୁ ରାଜ୍ୟର ସବୁ ସହରରେ ମୋ ବସ୍ ସେବା ସୁବିଧା ମିଳିବ ବୋଲି ସେ ଘୋଷଣା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲା: ନିର୍ବାଚନ ପୂର୍ବରୁ ଛପା ହେବ ୫୦ ହଜାର 'ଛବିଳ ମଧୁ ବର୍ଣ୍ଣବୋଧ'

ଭୁବନେଶ୍ୱର,୯ ।୩(ପି.ଏନ): ସ୍କୁଲ ଛାତ୍ରଛାତ୍ରୀଙ୍କ ନିକଟକୁ ପୁଣି ଫେରିବ 'ଛବିଳ ମଧୁ ବର୍ଣ୍ଣବୋଧ' । ପ୍ରଥମ ପର୍ଯ୍ୟାୟରେ ୫୦ ହଜାରରୁ ଅଧିକ କପି ମୁଦ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଛି । ନିର୍ବାଚନ ପୂର୍ବରୁ ଏହାର ଛପା ହେବା ଓ ନିର୍ବାଚନ ପରେ ଏହାର ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ । ଓଡିଆ ଭାଷାର ସମୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏହାର ପୁନଃ ମୁଦ୍ରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଥିବା ଜଣାପଡିଛି । ମଉକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ଛବିଳ ମଧୁ ବର୍ଣ୍ଣବୋଧ'କୁ ଓଡିଆ ଭାଷାର ମୂଳଦୁଆ ବୋଲି ବିବେଚନା କରାଯାଉଥିବା ବେଳେ ଏହା ଛାତ୍ରଛାତ୍ରୀଙ୍କ ନିକଟକୁ ପୁଣି ଫେରିବା ନିଶ୍ଚିତ ଭାବେ ବଡ କଥା । ଛାତ୍ରଛାତ୍ରୀମାନେ ପୁଣି ଥରେ ଏହି ପାଠ ପ ?ିପାରିବେ । ଏହାର ପୁନଃ ମୁଦ୍ରଣ ନେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟପନ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଧୁସୂଦନ ରାଓଙ୍କ ଅଣନାତୁଣୀଙ୍କ ଠାରୁ ମୂଳ କପି ସଂଗ୍ରହ କରାଯିବା ସହିତ ବରିଷ୍ଠ ସାହିତ୍ୟିକ ତଥା ଭାଷାବିତଙ୍କୁ ନେଇ ଏକ କମିଟି




ଗଠନ କରାଯାଇ ଏହାକୁ ପ୍ରସ୍ତୁତ କରାଯାଇଛି ।ତେବେ ଏହା ସରକାରୀ ପ୍ରେସ କି ଘରୋଇ ପ୍ରେସରେ ଛପାଯିବ ସେନେଇ କିଛି ନିଷ୍ପତ୍ତି ହୋଇନାହିଁ । ମୂଳ 'ବର୍ଣ୍ଣବୋଧ'ରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଜଣାପଡିଛି । ପୂର୍ବରୁ ତାହା ଯେପରି ଥିଲା ଅବିକଳ ସେପରି ରହିବ । ନିର୍ବାଚନ ପୂର୍ବରୁ ଏହାର ସମସ୍ତ କାର୍ଯ୍ୟ ସରିବ ଓ ନିର୍ବାଚନ ପରେ ଓସେପା ସାହାଯ୍ୟରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟକୁ ତାହା ପଠାଯିବ । ଏଥିସହିତ ଓଡିଶା ପରିବାର ମାଧ୍ୟମରେ ପ୍ରବାସୀ ଓଡିଆ ପିଲାଙ୍କ ନିକଟକୁ ମଧ୍ୟ 'ବର୍ଣ୍ଣବୋଧ' ପଠାଯିବ । ସୂଚନାଯୋଗ୍ୟ ଯେ, ଏହି ବହିର ମୂଳ ପ୍ରକାଶନକୁ ବାଦ୍ ଦେଇ ନୂଆ କରି ଛପା ଯାଇଥିବାରୁ ପୂର୍ବରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା ।

## ମିସନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି: ଉପକୃତ ହେବେ ୫୯, ୫୦୯ କର୍ମଚାରୀ




ଭୁବନେଶ୍ୱର,୯ ।୩(ପି.ଏନ): ମିସନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି ବିଷୟ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ସରକାରଙ୍କ ଏହି ପ୍ରୋତ୍ସାହନ ଅର୍ଥରାଶି ବୃଦ୍ଧି ଯୋଗୁଁ ମିସନ ଶକ୍ତିର ୫୯,୫୦୯ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଉପକୃତ ହେବେ । ରାଜ୍ୟରେ ମହିଳା ସଶକ୍ତୀକରଣରେ ମିସନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସି : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## ‘କଫି’ର ଚିତ୍ରକର ଅମିତା





ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ବିହାର ମେଂଟ ପ୍ରତି ଚ୍ୟାଲେଞ୍ଜ



ବିହାରରେ ପୁଣି ନୀତିଶ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ଆରଜେଡି ଜେଡିୟୁ ସରକାର ବହୁ ଭୋଟରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ତଥା ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି କର୍ଣ୍ଣାଟକଠାରୁ ଆରମ୍ଭ କରି ମହାରାଷ୍ଟ୍ର ପର୍ଯ୍ୟନ୍ତ ବହୁ ବିରୋଧିଦଳ ସରକାର ବିଭାଜନ ଘଟାଇ କ୍ଷମତା ଦଖଲ କରିଥିବାବେଳେ ପ୍ରଥମ ଥର ପାଇଁ ବିହାରରେ ବିଜେପି ମେଂଟ ସରକାରଙ୍କୁ ଭାଙ୍ଗି ଜେଡିୟୁ-ଆରଜେଡି ମେଂଟ କ୍ଷମତାସୀନ ହୋଇଛି। ସ୍ମରଣଯୋଗ୍ୟ ଯେ, ଅତୀତରେ ଅର୍ଥାତ୍ ତିନିବର୍ଷ ତଳେ ଜେଡିୟୁ-ଆରଜେଡି ମେଂଟ ସରକାରର ପତନ ଘଟି ବିଜେପି-ଜେଡିୟୁ ସରକାର କ୍ଷମତାସୀନ ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ନବଗଠିତ ଜେଡିୟୁ-ଆରଜେଡି ମେଂଟ ସରକାର ବିଧାନସଭାରେ ଆସ୍ଥା ଭୋଟରେ ବହୁ ଭୋଟରେ ବିଜୟୀ ହୋଇଥିବା ସତ୍ତ୍ୱେ ପ୍ରକୃତ ରାଜନୈତିକ ଶକ୍ତି ପରୀକ୍ଷା ଏବେଠାରୁ ଆରମ୍ଭ ହୋଇଛି ବୋଲି କୁହାଯିବ। ଏହା ନିଶ୍ଚିତ ଯେ, କେନ୍ଦ୍ର ସହ ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ଅକ୍ତିଆର କରି ଚାଲିଥିବା ବିଜେପି ବିହାରରେ କ୍ଷମତାଚ୍ୟୁତ ହେବାପରେ ନୀରବରେ ବସି ରହିପାରିବ ନାହିଁ। ଏହା ବିଧାନସଭାରେ ଶକ୍ତି ପରୀକ୍ଷା ଦିନ ହିଁ ସଂକେତ ପ୍ରଦାନ କରିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ପରୀକ୍ଷା ଦେଉଥିବା ବେଳେ ଅନ୍ୟପଟେ ୟୁପିଏର ପ୍ରଥମ ପାଳି ସରକାରରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରେଳବାଇ ମନ୍ତ୍ରୀ ଥିବାବେଳେ ବହୁଚର୍ଚ୍ଚିତ ଲ୍ୟାଣ୍ଡ ଫର ଜବସ୍ (ଜମି ପାଇଁ ନିଯୁକ୍ତି) ଦୁର୍ନୀତି ମାମଲାରେ ସିବିଆଇ ଆରଜେଡିର କେତେକ ନେତାଙ୍କ ବାସଭବନରେ ଚଢାଉ କରିଥିଲା। ସିବିଆଇ ଚଢାଉର ସମ୍ମୁଖୀନ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଅପରାଧୀ, କିଏ ନିର୍ଦ୍ଦୋଷ, ତାହା ଭବିଷ୍ୟତରେ ଆଇନ କହିବ। ତେବେ ବିରୋଧୀଙ୍କ ବିରୁଦ୍ଧରେ ଚଢାଉ ଯେଉଁ ସମୟରେ ହୋଇଛି ବା ବିରୋଧୀଙ୍କୁ ଟାର୍ଗେଟ ଯେଉଁ ସମୟରେ କରାଯାଇଛି, ସେଥିରୁ ବିଜେପି କେତେ ପ୍ରତିଶୋଧ-ପରାୟଣ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ନୀତିଶଙ୍କ ନେତୃତ୍ୱରେ ପରିଚାଳିତ ମହାଗଠବନ୍ଧନ ସରକାର ନୁହେଁ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପ୍ରତି ମଧ୍ୟ ପ୍ରତିଶୋଧପରାୟଣ କାର୍ଯ୍ୟାନ୍ୱୟନ ବଢିବା କିଛି ଅସ୍ୱାଭାବିକ ନୁହେଁ।

ତେବେ ତିନୋଟି ଚ୍ୟାଲେଞ୍ଜ ଏବେ ଜେଡିୟୁ-ଆରଜେଡି ସରକାରଙ୍କ ପ୍ରତି ରହିଛି। ଏହାକୁ ମୁକାବିଲା କରିବା ପାଇଁ ଉଭୟ ଦଳ ପ୍ରଥମତଃ ଏକ ଏବଂ ଏକମନ, ଏକପ୍ରାଣ ହୋଇ ରହିବା ଜରୁରୀ। ସେହିପରି ଯେଉଁସବୁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ପରସ୍ପର ସହ ବୁଝାମଣା କରିବାକୁ ହେବ। ତୃତୀୟଟି ହେଉଛି ବିହାରର ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ସୁଶାସନ ଏବଂ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା। ଏହା ସତ୍ୟ ଯେ, ଉଭୟ ଦଳ ପୁରୁଣା ମଣ୍ଡଳ ଦଳ ତଥା ଜନତାଦଳରୁ ଆସିଥିବା ଯୋଗୁ ବିହାରରେ ବିଜେପିର ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି। ଅତୀତରେ ୨୦୧୫ ବିଧାନସଭା ନିର୍ବାଚନରେ ଜେଡିୟୁ- ଆରଜେଡି ମେଂଟ ବିଜେପିକୁ ଧୂଳି ଚଟାଇ ବିହାରରେ କ୍ଷମତାସୀନ ହୋଇଥିଲା। ଉଭୟ ଦଳର ସାମାଜିକ ସ୍ଥିତି ସମାନ ଥିବା ବେଳେ ଆଦର୍ଶଗତ ସାମଞ୍ଜସ୍ୟ ମଧ୍ୟ ରହିଛି। ୨୦୧୫ରେ ମେଂଟ ସରକାର ଦୁଇବର୍ଷ ସୁରୁଖୁରୁରେ କାର୍ଯ୍ୟ କରିଥିବାବେଳେ ଦୁର୍ନୀତିକୁ ନେଇ ମେଂଟ ଭାଙ୍ଗି ଯାଇଥିଲା। ପୂର୍ବରୁ ସମସ୍ତ ତିକ୍ତତା, ମାନ, ଅଭିମାନକୁ ଭୁଲି ଉଭୟ ଦଳ ଏକତ୍ର କାର୍ଯ୍ୟ କରିବା ଉଚିତ୍। ଯାହାକି ବିଜେପିର ଯଥାର୍ଥ ମୁକାବିଲା କରିପାରିବ। ସେହି ଯେଉଁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ଉଭୟ ଦଳର ନେତା ଓ କର୍ମୀମାନେ ମିଳିମିଶି କାର୍ଯ୍ୟ କରିପାରିଲେ, କେବଳ ମେଂଟ ସୁଦୃଢ ହେବନାହିଁ, ଜନସାଧାରଣଙ୍କର ମଧ୍ୟ ହିତ ସାଧନ ହୋଇପାରିବ। ଏହା ସତ୍ୟ ଯେ, ନୀତିଶ କୁମାରଙ୍କ ନିର୍ମଳ ଭାବମୂର୍ତ୍ତି ତାଙ୍କୁ ଜଣେ ଜାତୀୟସ୍ତରର ନେତାଭାବେ ପ୍ରତିଷ୍ଠିତ କରିଥିବା ବେଳେ ତେଜସ୍ୱୀଙ୍କ ପ୍ରତି ଯୁବଗୋଷ୍ଠୀର ଆକର୍ଷଣ ବଢିବାରେ ଲାଗିଛି। ନିକଟରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନୂଆ ଗାଡି ନ କିଣିବା, କାହାରିକୁ ପାଦ ଛୁଇଁବାକୁ ନଦେବା ପାଇଁ ତେଜସ୍ୱୀ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ତେବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବିହାରରେ ବେକାରୀ ସମସ୍ୟା ବୃଦ୍ଧି। ବେକାର ଯୁବକ-ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ପାଇଁ

# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ

ପୁଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ





ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ




ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି।

ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା




ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଜାତୀୟ ପତାକାର ଅପବ୍ୟବହାର ଓ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତ୍ତବ୍ୟ। ଏହାହିଁ ଭାରତୀୟ ସମ୍ବିଧାନ ପ୍ରତି ଆମର ନିଷ୍ଠା। ସମ୍ବିଧାନର ଧାରା ୫୧-ଏ ରେ ଏହା ସିଧାସଳଖ କୁହାଯାଇଥିଲେ ମଧ୍ୟ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ୍ୟ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ କହିଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଖୋଦ୍ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗା ଉଡ଼ିବାର ବାର୍ତ୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭାଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ମଧ୍ୟ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ। ଏହା ଜାତୀୟ ପତାକା ସମ୍ମାନ ନିୟମ ୧୯୭୧ ଉପଧାରା-୨କୁ ସଂପୂର୍ଣ୍ଣ ଉଲଙ୍ଘନ କରୁଥିଲା ବେଳେ କାହିଁକି ଖୋଦ୍ ମୁଖ୍ୟମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ ଚୁପ ରହିଲେ। ଯେହେତୁ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଉଡ଼ାଇନାହିଁ ସେହିଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନ ଚୁପ ରହି ତାଙ୍କର ଇଚ୍ଛାକୁ ପୂରଣ କଲେ କି? ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ। ତତ୍‌ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଶ୍ରୀ ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

## ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ

ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୁର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଚ୍ଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମ୍ଭକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା'ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା'ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଭାଇ-ଭଉଣୀଙ୍କ ସମ୍ପର୍କ ଭଳି ମଣିଷ ଓ ବୃକ୍ଷର ସମ୍ପର୍କ ଅତୁଟ ହେବା ଦରକାର ଏବଂ ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଥିଲେ।

## ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସ



ଖୋର୍ଦ୍ଧା (ପିଏନ୍)-ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ମହାନବୀର ପଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସରେ ବିଭିନ୍ନ କୃତବିଦ୍ୟଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୀର ପିଣ୍ଡିକିଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ପିଣ୍ଡିକି ସ୍ପୋର୍ଟସ କ୍ଲବ୍ ଓ କଳିଙ୍ଗ ପାଇକ ସଂଗଠନର ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କବିରାଜ ବିଧାର ସଭାପତିତ୍ୱ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯଥାକ୍ରମେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଣ୍ଡିକଙ୍କ ଗରିଲା ଯୁଦ୍ଧ ଓ ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମଚଣ୍ଡୀ ଦଳବେହେରା, ମୃତ୍ୟୁଂଜୟ ଛୋଟରାୟ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ସୁକନ୍ୟା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ, କୁଂଜୁରୀ ବରପଦାର ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥା, ସାହିତ୍ୟିକ ଅମରେଶ ବିଶ୍ୱାଳ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ଡୁମଡୁମା ଦଳବେହେରା, ଅବଦୁଲ କଲାମ ଆଜାଦ୍, ସମାଜସେବୀ ରମଜାନ୍ ଖାଁଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ଉଦ୍ୟୋକ୍ତା ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବରିଷ୍ଠ ବିଜେପି ନେତା ସୁରଥ ବିଶ୍ୱାଳ, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଂଶଧର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, କ୍ଲବ ସମ୍ପାଦକ ପବିତ୍ର ବାହୁବଳେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଓଡିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ ତାରିଖ ଶନିବାର ଜାରକାସ୍ଥିତ ସିଭିକ ସେଂଟରଠାରେ ଅନୁଷ୍ଠିତ ହେବ। ଏଥିନେଇ ସାହିତ୍ୟ ସମାଜ ପକ୍ଷରୁ ୨୦୨୨ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ଥର ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମାଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ସରୋଜକାନ୍ତ ପରିଜାଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଡ. ଯତିନ୍ଦ୍ର କୁମାର ରାଉତଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଯୋଗଦେବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷିକେଶ ସାମଲ ଜାରକାଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ବନ୍ଥପଲ୍ଲୀ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ କାମିନୀ ନାୟକ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିପ୍ଳବ ପାତ୍ର, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ଏଥିରେ ସମ୍ମାନିତ ଅତିଥି ରୂପେ ୯ନଂ ଜୋନ ଜିଲ୍ଲା ପରିଷଦ ମମତା ଦାସ ,୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶିବାନୀ ସେଠି, ସମିତି ସଭ୍ୟସୁନିତା ନାୟକ , ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମିଶ୍ର,ହର୍ଟିକଲଚର୍ ରାକେଶ ରୋଶନ ବେହେରା, କନିଷ୍ଠ ଯନ୍ତ୍ରୀ, ନାୟବ ସରପଞ୍ଚ କୃଷ୍ଣ ସ୍ୱାଇଁ,ଯୋଗାଣ ସହାୟକ ଅଟଳ ବିହାରୀ ପ୍ରଧାନ , ପିଇଓ ସ୍ମୃତି ପ୍ରିୟ ବେହେରା, ଜିଆରଏସ ନାଗେଶ୍ୱରୀ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ସ୍ତରରେ ଭିତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିସ୍ତୃତ ଆଲୋଚନା କରିବା ସହ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳର ରୂପାନ୍ତରୀକରଣ, ମହିଳା ସଂଯୋଗୀକରଣ ଓ ଭିତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରୀକରଣ, କ୍ରୀଡ଼ା ଭିତିଭୂମିର ବିକାଶ, ଐତିହ୍ୟ ଭିତିଭୂମିର ବିକାଶ, ପରିବହନ ବ୍ୟବସ୍ଥା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ସହାୟତା, ମଧୁବାବୁ ପେନସନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା ଯୋଜନା, ମୋ ଘର ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା ।ଏଥିରେ ଅନ୍ୟତମ ଅତିଥି ରୂପେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠି , ବାଲିପଡ଼ା ସରପଞ୍ଚ ଲକ୍ଷ୍ମୀ ସେଠି, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ଲାଞ୍ଜିଆ ସରପଞ୍ଚ ଅନିଲ ଗୌଡ଼,ବାଘଲଟି ସରପଞ୍ଚ ମାମି ସାସମଲ ଙ୍କ ସହ ସରପଞ୍ଚ ପ୍ରତିନିଧି ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ,ଆଶା କର୍ମୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




# ନାରୀ:ଦୁର୍ଗତିନାଶିନୀ



ସୁଦର୍ଶନ ମହାପାତ୍ର

ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁ ପୁଅ ପାଇଁ ସାରା ଜୀବନ ଖଟିଲେ ବାପା ମା, ଘରେ ନାନାଦି ଦରବ ଭରିଲେ,ସେଇ ପୁଅ ଏବେ ଗୋଟି ଗୋଟି ଜିନିଷ ଘରୁ ନେଇ ବିକ୍ରି କରୁଥିଲା ନିଜର ଓରିମାନା ମେଣ୍ଟାଇବା ପାଇଁ ।ମଦ ନିଶାରେ ମସଗୁଲ ରହୁଥିଲା ରାତି ଦିନ ।

ଏଇ କେଇ ଦିନ ଆଗରୁ ପୁଣି ସାହୁକାର ପାଖରେ ବାପା ମା ଅର୍ଜିତ ଜମି ଖଣ୍ଡିକୁ ବନ୍ଧକ ରଖି ମାତିଛି ଜୁଆ ଖେଳରେ ।

ଯେଉଁ ଘରେ ଧାନ,ମୁଗ, ବିରି,ମସୁର ର ଅଭାବ ନଥିଲା ଏବେ ସେ ଘରେ ନିତି ଭାତହାଣ୍ଡି ଚୁଲିରେ ବସିବା କାଠିକର ପାଠ । ଯେତେବେଳେ ସାହୁକାର ଜମିରୁ ଲୋକ ଲଗେଇ ଫସଲ ଅମଳ କରିନେଲା ବରଜୁ ଛାତିକୁ ଯେମିତି ରୁନ୍ଧି ପକେଇଲା ଦଲକାଏ ଗରମ ପବନ । ସେ ଅଣନିଃଶ୍ୱାସୀ ହୋଇ ପଡିଲା । ବରଜୁ ର ଶରୀର ଏକାଥରେ ଥମ ହୋଇଗଲା । ଚତୁରଦ୍ଦିଗ ରେ ନିସ୍ତବ୍ଧ ଅନ୍ଧକାର ଖେଳିଗଲା । ତଳେ ଲୋଟି ପଡିଲା ସବୁଦିନ ପାଇଁ ।

ସେଇଦିନ ଠୁ ନେତି ଆଖିରୁ ଖାଲି ଝରୁଥିଲା ଲୁହ ଆଉ ଲୁହ । ସେ ବଞ୍ଚିବାର ରାହା ଖୋଜି ହେଲା । ଭାବିଥିଲା ବୋହୂ ଆସିଲେ ପୁଅ ସୁଧୁରି ଯିବ । ହେଲେ ଯେଉଁ କଥାକୁ ସେଇ କଥା ।

ମାସକର ନାତିଟି ତା'ର ଦୁଇ ଦିନ ଧରି ଜରରେ ଆଉଟୁ ପାଉଟୁ ହେଉଥିଲା । ଡାକ୍ତର ଓଷଦ ପାଇଁ ପାଖରେ ପଇସା ନାହିଁ । ଯେଉଁ ଘର ମାନଙ୍କରେ ବୋହୂ କାମ କରୁଥିଲା ଆଗରୁ କିଛି କିଛି ଅଧିକା ପଇସା ଆଣିଥିଲା । ସେସବୁ ବି ସରିଲାଣି । ଛୁଆକୁ ଘରେ ଛାଡି ବୋହୂ ଏବେ କାମକୁ ଯିବାର ଯୁ ନାହିଁ । ନେତି ବୋହୂର କାନ୍ଦୁରା ଥମଥମ ମୁହଁ ଦେଖି ପ୍ରମାଦ ଗଣିଲା ।

ରାତି ଅଧକୁ ଫେରିଲା ମାଧ । ପଇସା ପାଇଁ ପୁଣି ବୋହୂ ଉପରେ ଜୁଲମ ଆରମ୍ଭ କରିଦେଲା ବୋଲି ବୁଝିଲା ନେତି ।ଏ ଘରୁ ଥାଇ ପୁଅ ଉପରେ ପାଟି କଲା ତ ବୋହୂ ଉପରେ ଗାଳି ସହିତ ମାଡ ବର୍ଷଣ ହେବାର ଶବ୍ଦ ଶୁଭିଲା ନେତି କୁ । ବୋହୂର ସୁଁ ସୁଁ କାନ୍ଦ ସାଙ୍ଗକୁ ନାତି ର ଚିଁ ଚିଁ କାନ୍ଦ ଶବ୍ଦ ନେତି କୁ ଅଥୟ କରୁଥିଲା ।ଘରେ ଟଙ୍କାଟିଏ ନାହିଁ ଯେ ବିକି ନାତି ପାଇଁ ଔଷଧ ଟିକିଏ ଆଣିବ ଯାଇଁ..!

ପରଦିନ ଘରେ ବୋହୂ ଆଉ ନାତିକୁ ଛାଡି ନେତି ବାହାରି ଗଲା ବୋହୂର ପାଇଟି ନିଜେ ଭରଣା କରି କିଛି ପଇସା ପୁଣି ମାଗି ଆଣିବ ବୋଲି । ତା'ର ସବୁ କାକୁତି ମିନତି ବ୍ୟର୍ଥ ହେଲା । କାମ ତ କଲା ମାତ୍ର ଫେରି ଆସିଲା ଭଙ୍ଗା ମନ ନେଇ ।

ମନକୁ ଟିକିଏ ହାଲକା କରିବାକୁ ପାଖ ମନ୍ଦିରକୁ ଯାଇ ଘଡ଼ିଏ ବସିଲା । ଭୋକରେ ଆଖି ମୁଦି ହୋଇ ଯାଉଥାଏ ।ଠାକୁର ଙ୍କ ପାଖରେ ଲୁହର ନୈବେଦ୍ୟ ବାଢି ସବୁ ଦୁଃଖ ଜଣାଇଲା ନେତି । ଆଖି ଖୋଲିଲା ତ କିଛି ଟଙ୍କା ତା କୋଳରେ ପଡ଼ିଥିଲା । ସେ ଟଙ୍କା ସବୁକୁ ନେବ ? ସ୍ୱାଭିମାନକୁ ଆଞ୍ଚ ଆସିଲା ।ଦ୍ୱିଧାରେ ପଡିଲା । ମାତ୍ର ପରମୁହୂର୍ତ୍ତରେ ଆଖି ଆଗରେ ନାଚିଗଲା ଭୋକିଲା ପେଟର ବୋହୂ ଆଉ ନାତି ର ଦେହ ଖରାପ କଥା ।

ନାତି ପାଇଁ ଔଷଧ ଆଉ କିଛି ରୋଷେଇ ଜିନିଷ ଧରି ଘରକୁ ଫେରିଲା ନେତି ।

ପରଦିନ ସକାଳକୁ ମାଧ ମାଆ ଠୁ ଟଙ୍କା ନେବାକୁ ଜୁଲମ ଆରମ୍ଭ କରିଦେଲା ।ପ୍ରଥମ ଥର ଟଙ୍କା ନାହିଁ ବୋଲି ମା'ର କହିବାଟା ଯେମିତି ଏକ ଅପରାଧ ବିବେଚିତ ହେଲା ପୁଅ ପାଖରେ । ହିତାହିତ ଜ୍ଞାନ ଭୁଲି ସେ କାଠ ଫାଳିଆଟେ ଘୋଷାଡି ଆଣିଲା ଚୁଲି ମୁହଁରୁ । ମାଆକୁ ଧମକ ଦେଇ କାଠ ଫାଳିଆ ଉଁଚାଇଲା ବେଳକୁ ତା' ହାତରେ ବସିଲା ଏକ ଶକ୍ତ ପାହାର ।

-' ଆଲୋ, ମୋ ପୁଅକୁ ମାରି ପକେଇଲା ଲୋ...ଏ ରଣଚଣ୍ଡୀ ମୋ ପୁଅକୁ ମାରି ପକେଇଲା ।କିଏ କେଉଁଠି ଅଛ ଧାଇଁ ଆସ ।' ନେତି ବୁଢ଼ୀର ପାଟିରେ ଚତୁରଦ୍ଦିଗ ଯେମିତି କମ୍ପିଗଲା । ହେଲେ କାହାର ଗରଜ ପଡିଛି ଯେ, ଦଉଡ଼ି ଆସିବ ଯାଙ୍କ ଘର ନିତିଦିନିଆ ଝଗଡା ମେଣ୍ଟାଇବାକୁ ! ଡାକ୍ତରଖାନାରୁ ପୁଅର ହାତ ବ୍ୟାଣ୍ଡେଜ କରି ନେତି ଫେରିଲା । ବୋହୂ ଉପରେ କେତେ ଘଡି ଗାଳି ବର୍ଷଣ କରି ଶେଷକୁ ହାଲିଆ ହୋଇ ପଡିଲା ତ 'ଆଣ କ'ଣ ରାନ୍ଧିଚୁ ମୁଠାଏ ଦେ । ମୋ ପୁଅକୁ ଭାରି ଭୋକ ହେଲାଣି ।' ସୁଁ ସୁଁ ହୋଇ କାନ୍ଦୁ କାନ୍ଦୁ ନେତି କହିଲା ବୋହୂ ଉଦ୍ଦେଶ୍ୟରେ ।

ଆଖିରେ ଆଖିଏ ଅନୁଶୋଚନାର ଲୁହ ନେଇ ବୋହୂ, ଶାଶୁ ଆଉ ସ୍ୱାମୀ ପାଇଁ ବାଢିଦେଲା ଜାଉ ଦୁଇ ଥାଳି ।

ନେତି ଜାଣିଲା ବୋହୂ ପାଇଁ ଆଉ ଖାଇବା କିଛି ନାହିଁ । ନିଜ ଥାଳିଆରୁ ଅଧା ଜାଉ ସରିକି ଛାଡି ଆସିଲା ଜାଣି ଜାଣି ।

-' ଖାଇଦେ ଏତିକି ।ତୋ ଛାତିକୁ କ୍ଷୀର ଟୋପେ ଆସିଲେ ସିନା ସେ ଛୁଆଟା ଟିକିଏ ଖାଇବ ।' ଶାଶୁ ଠାରୁ ଏତିକି କଥା ଶୁଣୁ ଶୁଣୁ ସାବିତ୍ରୀ ଆଖିରୁ ଝରି ପଡିଲା ଲୁହ ଦୁଇ ଟୋପା । ମନେ ପଡିଲା ନିଜ ମା' କଥା ।

ନେତି ବାବୁ ଘର ମାନଙ୍କରେ ପାଇଟି ସାରି ଏବେ ଯାଇଁ ବସିଯାଏ ଭିକାରିମାନଙ୍କ ଗହଣରେ । ଇତି ମଧ୍ୟରେ ବୋହୂର ଉଧାର ନେଇଥିବା ଟଙ୍କାର ପରିମାଣ ନିଜ ଶ୍ରମ ଦାନ କରି ଶୁଝି ଚାଲିଥିଲା ନେତି ।

ଅବଶ୍ୟ କେହି କେହି ଘର ମାଲିକାଣୀ କେବେ କେବେ ସଦୟ ହୋଇ ସାବି ଆଉ ତା' ପୁଅ ପାଇଁ ଖାଇବା ଜିନିଷ କିଛି ପଠାଇ ଦିଅନ୍ତି ,ନିଜର ବଦାନ୍ୟତା ଦେଖାଇ !

ଠିକ୍ ଭାବରେ ଖାଇବାକୁ ନପାଇ ନାତିର ଚେହେରାକୁ ଦେଖି ପ୍ରମାଦ ଗଣେ ନେତି ।ବୋହୂର ଅବସ୍ଥା ମଧ୍ୟ ତଦ୍ରୁପ ।ନିଜର କୋଉଠି ବଳ ବୟସ ଅଛି ଯେ ଚାରି ପ୍ରାଣୀ ଲୋକଙ୍କୁ ଠିକ୍ କରି ପୋଷି ପାରିବ ? ପୋଖତି ମାଇକିନିଆଟାର ଠିକ୍ ଭାବରେ ଦେଖାଶୁଣା କରି ପାରିବ ?

ଏଇ ସମୟ ଭିତରେ ଜଣେ ବାବୁଙ୍କ ସହିତ କଥାବାର୍ତ୍ତା କରି ନେତି ପୁଅ ପାଇଁ ଭଡ଼ାରେ ନେଇ ଟ୍ରଲି ଚଳେଇବାକୁ ଠିକ୍ କରିଦେଲା ।ଭାବିଥିଲା ପୁଅ ଏଥର ନିତି କାମ କରି ନିଜେ କିଛି ରୋଜଗାର କରିବ । ଆଉ ଘରକୁ ଫେରି କାହାକୁ ହଇରାଣ କରିବ ନାହିଁ । ହାତରୁ ବ୍ୟାଣ୍ଡେଜ ଖୋଲା ହୋଇ ସାରିବା ବେଳକୁ କାମ କରିବା ବାହାନାରେ ମାଧ ବାହାରକୁ ଗଲା ସିନା ପୁଣି ସେଇ ପୁରୁଣା କଥା । ଦିନେ ଦୁଇ ଦିନ ଅନ୍ତରରେ ମାଆ କୁ ଫୁସୁଲେଇ ଅବା କେବେ ଜୋର କରି ଟଙ୍କା ନେଇ ମାଧ ବା ?ହାରିଯାଏ ମଦଭାଟିକୁ । ସେଦିନର ଘଟଣା ପରେ ସାବି ନିରବ । ଚୁପଚାପ ସ୍ୱାମୀର ଅଦଉତି ସହେ । ଦିନେ ମାଧ ଘରକୁ ଫେରିଲା ତ ଏକୁଟିଆ ।ଟ୍ରଲି ରିକ୍ସା ସାଙ୍ଗରେ ନଥିଲା ।ମଦନିଶାରେ ଥାଇ ବି ତା' ହାବଭାବରୁ ମନସ୍ତାପ ବାରି ହୋଇ ପଡୁଥିଲା । କାହାକୁ କିଛି ନକହି ଚୁପ୍ କରି ଶୋଇ ପଡିଲା ।

ପରଦିନ ସକାଳକୁ ଯେତେବେଳେ ଟ୍ରଲି ରିକ୍ସା ର ମାଲିକ ଘର ବା ?ହାରେ ଠିଆ ହେଲେ ନେତି ସବୁ ବୁଝି ପାରିଲା ।

-' ମୋ ରିକ୍ସା କାହାକୁ ବିକିଛୁ କହ ?' ଘିଡିଘିଡିଆ ସ୍ୱରରେ ଚିତ୍କାର କରୁଥିଲେ ମାଲିକ ।ମାଧ ସେମିତି ଆସାଡ ହୋଇ ପଡି ରହିଲା ବିଛଣାରେ ।ଟ୍ରଲି କୁ ସନ୍ଧ୍ୟା ସୁଦ୍ଧା ଜମା ଦେବାକୁ ଧମକ ଦେଇ ଫେରିଗଲେ ସେ ।

-' ମଦ ନିଶାରେ ଟ୍ରଲି ରିକ୍ସାକୁ ଥୋଇ କେଉଁଠି ପଡ଼ିଥିଲା କେଜାଣି, କିଏ ନେଇ ପଳେଇଥିବ ।' ଭିଣିଭିଣି ହୋଇ କହିଲା ସାବି ।

ଟିକିଏ ପରେ ମାଧବ ଘରୁ ବାହାରିଗଲା ଯେ ଫେରିଲା ଯାଇଁ ସଞ୍ଜକୁ । ସାଙ୍ଗରେ ଅଚିହ୍ନା ଲୋକ ଜଣେ ।

-' ଏଇ ରୋଗିଣା ଛୁଆଟାକୁ କିଣିବାକୁ ଲୋକ ଆସିଛନ୍ତି । ଏକାବେଳେକେ କୋଡିଏ ହଜାର ଟଙ୍କା ଦେବେ । ସେଇ ପଇସାରେ ଟ୍ରଲି ପଇସା ଶୁଝିଦେବି ।' ମାଆ ପାଖରେ ଗୁଣୁଗୁଣୁ ହୋଇ କହିଲା ମାଧ ।

ସବୁ ଶୁଣିଲା ସାବିତ୍ରୀ । ପୁଅକୁ କୋଳରେ ଜାକି ଧରିଲା ।ମାଧ ମାଆ ପାଖରୁ ଉଠିଯାଇ ହାତ ବଢେଇଲା ପୁଅକୁ ନେବାକୁ ।ସାବି ଭୟରେ ସାଙ୍କୁଡି ଉଠିଲା । କୋଳରେ ଆହୁରି ଜୋରରେ ଜଡେଇ ଧରିଲା ତା'ର ଅବୋଧ ସନ୍ତାନକୁ । କୋଡିଏ ନୁହେଁ କୋଡିଏ କୋଟି ଟଙ୍କାର ଐଶ୍ୱର୍ଯ୍ୟ ତା କୋଳରେ ସେ ସାଇତି ରଖିଛି ଯେ ! ଭୟରେ ବିକଳରେ ଡାକ ପକେଇଲା ସାହି ପଡିଶା ଲୋକଙ୍କୁ..!

ଉତକ୍ଷିପ୍ତ ହୋଇ ପଡିଲା ମାଧବ ।ତା ମୁଣ୍ଡକୁ ଯେମିତି ପିତ୍ତ ଚଢ଼ିଗଲା । ପ୍ରଥମେ ଧମକ ଦେଲା । ସାବି କିନ୍ତୁ ନିର୍ବିକାର ।ମାଧ କାଠ ଫାଳିଆଟେ ଧରି ଆସିଲା ତା'ର ପରାକ୍ରମ ଦେଖାଇବାକୁ ।

ଏ କ'ଣ...? ମାଧ ସାମ୍ନାରେ ଚିକମିକ କରୁଥିଲା ଠେଙ୍ଗା ନୁହେଁ, ଯେମିତି ଖଣ୍ଡାଟିଏ !

-' ମୋ ନାତି କୁ ଛୁଇଁଲେ, ତୋ ମୁଣ୍ଡକୁ ଏଇ ଠେଙ୍ଗାରେ ଛତୁ କରିଦେବି କହୁଚି ।ଖବରଦାର । ଚିହ୍ନିଚୁ ମତେ ?'

ମାଧ ଆଗରେ ତା' ସ୍ନେହମୟୀ ମାଆ ନୁହେଁ, ଯେମିତି ଠିଆ ହୋଇଥିଲେ ମା' ଦୁର୍ଗା ! ତା'ର ହଳକ ଶୁଖିଗଲା ।ନିରବି ଗଲା ।

*କୁଞ୍ଜବିହାରୀ ଲେନ, କଟକ*

# ଅସରାଏ ବର୍ଷା



ଶ୍ରୁତକୀର୍ତ୍ତି ତ୍ରିପାଠୀ

**ଦୃଶ୍ୟ - ଏକ**

ମିସେସ୍ ରାୟ ତରତର ହୋଇ ପ୍ରସ୍ତୁତ ହେଉଥିଲେ ଆଜି, ସନ୍ଧ୍ୟାର ଆୟୋଜିତ କିଟି ପାର୍ଟି ପାଇଁ । ବାନ୍ଧବୀ ମିସେସ୍ ଗୁପ୍ତାଙ୍କ ଘରେ ହେବାର ଥିଲା ଏ ମାସର ପାର୍ଟି ଟା । ଏଥରର ଡ୍ରେସ୍ କୋର୍ଡ ଥିଲା ହ୍ୟାଣ୍ଡଲୁମ ଶା ?ୀ କ୍ଷ ପାର୍ଟି ଦିନ ହିଁ ନିଷ୍ପତ୍ତି ନିଆଯାଏ, ଆଗାମୀ ମାସରେ କାହା ଘରେ କେଉଁ ଥିମ୍ ବା ନିର୍ଦ୍ଦିଷ୍ଟ ବିଷୟକୁ ନେଇ ବନ୍ଧୁମିଳନ ହେବ ।ପ୍ରାୟ ଦେଢ଼ଘଣ୍ଟା କାଳ ପରିଶ୍ରମ କରି ଶାଢ଼ୀ ଓ ଗହଣା ପିନ୍ଧା, ପ୍ରସାଧନ ଜନିତ ଶ୍ରମ ସ୍ୱୀକାର କରି ଘରୁ ବାହାରିଲା ବେଳକୁ କାଳବୈଶାଖୀ ଝଡ଼ ଓ ବର୍ଷା । ଗଛଭାଙ୍ଗିବା, ନିକଟସ୍ଥ ଟ୍ରାନ୍ସଫର୍ମର ଜଳିଯିବା, କେତେ କଣ ଉଡେଇ ନେବାର ଶବ୍ଦ ଓ ଦୃଶ୍ୟ ଘର ଭିତରୁ କାଚ ଝରକା ଦେଇ ମିସେସ୍ ରାୟ ଦେଖିବାକୁ ଆଉ ଶୁଣିବାକୁ ପାଇଥିଲେ । ଅଧଘଣ୍ଟାର ତାଣ୍ଡବ ପରେ ସବୁ ଶାନ୍ତ ; କିନ୍ତୁ ମିସେସ୍ ଗୁପ୍ତାଙ୍କ ଫୋନ ଆସିଲା ତାଙ୍କ ଆପାର୍ଟମେଣ୍ଟରେ ଟ୍ରାନ୍ସଫର୍ମର ଜଳିଯିବା ଯୋଗୁଁ ବିଜୁଳି ସରବରାହ ବନ୍ଦ ରହିଛି । ମରାମତି ପାଇଁ ବିଜୁଳି କର୍ମଚାରୀଙ୍କୁ ଖବର କରାଯାଇଛି କ୍ଷ ଅତି କମରେ ୩ - ୪ ଘଣ୍ଟା କିମ୍ବା ତା ଠାରୁ ବି ଅଧିକ ସମୟ ନିଶ୍ଚୟ ଲାଗିବ କ୍ଷ ତେଣୁ ଆଜିର କିଟି ପାର୍ଟି ଆଉ ସମ୍ଭବ ନୁହେଁ ।

ଓଃ ! ମିସେସ୍ ରାୟ ଯେ ଯିବା ପାଇଁ ସବୁ ପ୍ରସ୍ତୁତି ସାରିଦେଇଥିଲେ ! ଘରେ ଏକୁଟିଆ ଏବେ ସେ କଣ କରିବେ ! ରୋଷେଇଆକୁ ଗୋଟିଏ କପ୍ ଚା' ର ବରାଦ ଦେଇ ବୈଠକରେ ଥିବା ବହିଥାକ ପାଖରେ ବସିଗଲେ । ବହୁ ଦିନରୁ ହାତ ବାଜି ନ ଥିବା କେତୋଟି ବହିକି ଆଉଁଶି ଦେଇ ନିଜ ପାଠପଢା ବେଳର ସମୟକୁ ମନେପକେଇଲେ ସେ କ୍ଷ କେତେ ବହି ସେ ନ ପଢୁଥିଲେ ! ତାଙ୍କର ଏହି ନିର୍ଜୀବ ଅଥଚ ମନକୁ ଜୀବନ୍ତ କରିବାର କ୍ଷମତା ରଖୁଥିବା ବନ୍ଧୁ ମାନଙ୍କୁ ସତରେ ସେ ତ ଭୁଲିଯାଇଛନ୍ତି । ଗୋଟିଏ ବହି ବାହାର କରି ଦୁଇ ପୃଷ୍ଠା ଓଲଟାଇ ଦେଲା ବେଳକୁ, ମନେପଡିଗଲା ବହିଟି ତାଙ୍କର ସବୁଠାରୁ ପ୍ରିୟ ସାଙ୍ଗ ଦେଇଥିବା କଥା ।

ଚା ଆସିଯାଇଥିଲା । ମିସେସ୍ ରାୟ ପୂର୍ବରୁ ଦୁଇଥର ପଢ଼ି ସାରିଥିଲେ ବି ପ୍ରିୟ ସାଙ୍ଗ ଦେଇଥିବା ସେହି ବହିଟିକୁ ପୁଣିଥରେ ପଢ଼ିବା ଆରମ୍ଭ କଲେ । ତାଙ୍କୁ ଏବେ ଜମା ଏକୁଟିଆ ଲାଗୁ ନ ଥିଲା । କେମିତି ଲାଗନ୍ତା ଯେ, ନିରବତାର ସେଇ ସନ୍ଧ୍ୟାରେ ତାଙ୍କୁ ସାଥୀ ଦେଉଥିଲେ ଗରମ ଚା କପ୍ ଓ ପ୍ରିୟ ସାଙ୍ଗ ସହ ବିତେଇଥିବା ସମୟର ସ୍ମୃତି ସମୂହ !

**ଦୃଶ୍ୟ - ଦୁଇ**

ତାରପୋଲିନ୍, ଭଙ୍ଗା ଟିଣ ଓ ଆଜବେଷ୍ଟସ ବ୍ୟବହୃତ ଅସ୍ଥାୟୀ ଘରେ ରହୁଥିବା ଲୋକମାନେ ଭୀଷଣ ଖରା ଓ ଶୀତର ପ୍ରକୋପକୁ ସହିଯାଆନ୍ତି ସିନା ଝଡ଼ ବର୍ଷାର ହାଲୁକା ମାଡ଼ଟିଏକୁ ବି ତାଙ୍କର ଭୟ ଥାଏ । କାରଣ ମାତ୍ର କିଛିକ୍ଷଣ ଭିତରେ ତାଙ୍କୁ ଘରୁ ବେଘର କରିବାର ସତସାହସ କେବଳ ଏଇ ବର୍ଷାର । ଗତ ଦୁଇମାସ ହେଲା କେଉଁ ବ୍ୟାନରରୁ ଖଣ୍ଡେ, ହୋର୍ଡିଙ୍ଗରୁ ପଟା ଖଣ୍ଡେ, ବୋର୍ଡରୁ ଟିଣ ଖଣ୍ଡେ ସଂଗ୍ରହ କରି ଘରଟିଏ ତିଆରି କରିଥିଲା ଜଗୁଆ । ଯେଉଁଠି ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ରଙ୍କର ସବୁବେଳେ ଅନଧିକାର ପ୍ରବେଶ ରହିଥାଏ । ପେଟକୁ ଦାନା ଗଣ୍ଡେ କିମ୍ବା ଦେହକୁ କନା ଖଣ୍ଡେ ଥାଉ ନ ଥାଉ, ମୁଣ୍ଡ ଉପରେ ଯଦି ଛାତଟିଏ ଅଛି ତେବେ ଅଭାବୀର ଅଭାବ କାହାକୁ ଦେଖାଯାଏ ନାହିଁ । ହେଲେ ଆଜିର ଆକସ୍ମିକ ବର୍ଷା ଏବଂ ତା ପୂର୍ବରୁ ଘଟି ଯାଇଥିବା ଧ୍ୱଂସମୁଖୀ ଧୂଳିଝଡ଼ ତାକୁ ବାସହୀନ କରିଦେଇଛି । ନିଜ ପାଇଁ ଜଗୁଆ ଯେତେ ବିଚଳିତ ହେଉ ନ ଥିଲା, ବ୍ୟସ୍ତ ହଉଥିଲା ତାର ପରିବାରର ସଦସ୍ୟଙ୍କ ପାଇଁ, ଯେଉଁ ମାନଙ୍କୁ ଗତ ଦୁଇଦିନ ତଳେ ସେ ରାସ୍ତା କଡରୁ ଉଠେଇ ଆଣିଥିଲା କ୍ଷ ପ୍ରକୃତି ଓ ପ୍ରକୃତିର ସ୍ରଷ୍ଟା, ଉଭୟେ ତାର ପରୀକ୍ଷା ନେଉଥିଲେ ଯେମିତି !

ଝଡ଼ ବିତିଗଲା ପରେ ଧୈର୍ଯ୍ୟହରା ନ ହୋଇ ରଘୁଆ ସଜାଡି ନେଲା ନିଜକୁ । ପୁଣିଥରେ ମୂଳରୁ ଗଢିବାକୁ ହେବ ସବୁ, ଯେମିତି ବି ହେଉ ନିଜ ତଥା ପରିବାରର ନୂତନ ସଦସ୍ୟଙ୍କ ପାଇଁ ନିର୍ଭୟ ଆଶ୍ରାଟିଏ ତ' ଦରକାର । ପାଣି, କାଦୁଅରେ ବୁଡି ରହିଥିବା ଭଙ୍ଗାଘର ଭିତରୁ ଯେତେ ସମ୍ଭବ ଜିନିଷ ଗୁଡିକୁ ଛାଣି ଆଣିଲା ସେ କ୍ଷ ନିରବତାର ଏଇ ପରିବେଶ ଭିତରେ ତା ଅନ୍ତରର ଯନ୍ତ୍ରଣାର ହାହାକାରକୁ ମାଇ କୁତାଟି ନିଜ ସଦ୍ୟ ଜନ୍ମିତ ଦୁଇ ଛୁଆଙ୍କ ସହ ବେଶ ଅନୁଭବ କରୁଥିଲା । ତାର ନୂଆ ମୁନିବ ଯେ ଖୁବଶୀଘ୍ର ପୁଣିଥରେ ତାକୁ ଏକ ନିର୍ଭୀକ ଆଶ୍ରା ଯୋଗେଇଦେବ, ସେହି ଆଶ୍ୱସ୍ତିରେ ଜିଭ ବାହାର କରି ତାର ପିଲାଙ୍କୁ ପେଟ ତଳେ ଜାକି ଶୋଇବାର ଉପକ୍ରମ କରୁଥିଲା ସେ !

*ବିବେକାନନ୍ଦ ମାର୍ଗ,*
*ଭୁବନେଶ୍ୱର*
*ଫୋନ - ୬୩୭୦୫୧୬୪୭୮*

## ରାତି ଅଳପକୁ ସପନ ବେଶି

*ଭାସ୍କର ରାଉତ*



ଚବିଶି ବରଷ ହୋଇଗଲା ଶେଷ
ରହିଗଲା ଅବଶୋଷ
ସରି ଆସେ ରାତି ମନେ ଜାଗେ ଭୀତି
ସପନ ନହେଲା ଶେଷ ।
ବଡ଼ ବିଷମ ମୁହୂର୍ତ୍ତ,
ନିର୍ବାଚନ ବେଳ ସାଜିଲା ସେ କାଳ
ସରିଯିବ ମୋ ମହତ୍ତ୍ୱ।
ଭାଙ୍ଗିଦେଲା ନିଦ ଘଟିବ ପ୍ରମାଦ
ବୁଦ୍ଧି ବାଟ ଦିଶୁନାହିଁ
ନୂଆ ଓ ସପନ ଦେଖୁଥିଲି ଜାଣ
ସାଜୁଛି ବଇରି ସେହି ।
ତହାର ତୋଷଣ ପାଇଁ,
ମତ ଜିଣିବାକୁ ସେ ଛାତ୍ର ବୃତ୍ତିକୁ
ଦେବାକୁ କହିଛି ମୁହାଁ
ଗ୍ରାମେ ଗ୍ରାମେ ଲକ୍ଷ୍ମୀ ବୁଲେ ଝୁମି ଝୁମି
ଭଣ୍ଡାରେ କଉଡ଼ି ନାହିଁ
ପଡ଼ି ଦାତ୍ରୀ ବୋଲି ତାକୁ ସୁମରିଲି
କାଳେ ସାହା ହେବ ସେହି ।
ହତଲକ୍ଷ୍ମୀର ରୂପରେ,
ରଚୁଅଛି ମାୟା ବିସ୍ତାରି ତା କାୟା
ଦେଖି ଛାତି ଏବେ ଥରେ।
ଜନ ସାଧାରଣ ମୋ ଚତୁରପଣ
ସମସ୍ତେ ବୁଝି ଗଲେଣି
କି ଉପାୟ କରି ହୋଇଯିବି ପାରି
ବାଟ ତ କାହିଁ ଦିଶୁନି ।
ପାହିଯିବ ଏବେ ରାତି,
କଷାୟ ବସନ ଅଙ୍ଗରେ ନାଇଣ
ଆସିଲାଣି ଉଷା ସତୀ।।

*ଶେରଗଡ଼,ଗଞ୍ଜାମ*
*ମୋ : ୯୭୭୬୪୮୬୬୨୮*

## ମୁଁ ରିକ୍ସାବାଲା

*ସୁରେନ୍ଦ୍ର ନାଥ ସାହୁ*



ମୁଁ ବାରବୁଲା ଏକ ରିକ୍ସାବାଲା ।
ମୋ'ଘର ଅଗଣାରେ
ସଦା ଲାଗି ରହିଥାଏ
ଅଭାବର ପାଲା ।
ବଡ଼ ବଡ଼ ଖୁସିର ମାନେ କ'ଣ
ଜାଣିନି ମୁଁ ତିଳେ
କିନ୍ତୁ ଛୋଟ ଛୋଟ ଖୁସିର ସହାରାରେ
ଜୀଇଁ ଯାଉଛନ୍ତି ମୋ'ସ୍ତ୍ରୀ ମୋ'ପିଲା ।
ମୋ ଚଲା ବାଟ
କଣ୍ଟକିଳ ଜଟିଳ ଜଞ୍ଜାଳର ହାଟ ।
ଦୁଃଖ ମୋ ଦେହସୁହା
ତେଣୁ ଆସିଲେ ଝଡ ଝଞ୍ଜା
ହୁଏ ନାହିଁ ଛଟପଟ ।
ମୋତେ ଲାଗେ
ଯେ ସଂସାର ଏକ ରଙ୍ଗମଞ୍ଚ
ଭଲ ହେଉ କି ଭେଲ
ହେଲେ ଜୀବନ
କର୍ତ୍ତବ୍ୟର ଏକ ନିଚ୍ଛକ ନାଟ ।
ମୋ ଗନ୍ତବ୍ୟ ପଥର ଠିକଣା
ମୋତେ ବି ନଥାଏ ପ୍ରଥମରେ ଜଣା ।
ତେଣୁ ମୁଁ ସହରର ଚଉହଦୀରେ
ଠିଆ ହୋଇ ପଚାରେ
କୁହନ୍ତୁ କୁଆଡେ ଯିବେ ଆଜ୍ଞା
କିଏ କିଏ ଶୁଣନ୍ତି
ଅନେକ ଚାଲିଯା'ନ୍ତି କରି ଅଣଶୁଣା ।
ମୁଁ ଦିନ ସାରା ଯାଏ ଆସେ
ହେଲେ କୁଆଡେ ବି ଯାଏନା
ସବାରୀର ଲକ୍ଷସ୍ଥଳ ଯେତେ ଦୂର
ମୋତେ ସେତିକି ମିଳେ ପାଉଣା ।
ମୋ ପେଟ ଦଉଡାଏ ମୋତେ
ଗରିବୀ ଦିଏ ଯନ୍ତ୍ରଣା ।
ମୁଁ ଯେତେ ଧାଇଁଲେ ବି
ଅଧିକ ଉପାର୍ଜନ ପାଇଁ
ଆବଶ୍ୟକତା ଠାରୁ ମିଳିଥାଏ ଊଣା ।
ସସ୍ତା ମୋର ଶ୍ରମ ଝାଳ ରକ୍ତ ଲୁହ ।
ବାଜାରୀ ସଂସାର ଭିତରେ
ମୋ ସଂଘର୍ଷ ତେଲ ଲୁଣ ସହ ।
ସ୍ୱପ୍ନ ମୋର ବି ଅଛି
ହେଲେ ମୁଁ ଦେଖେନା ଜାଣିଶୁଣି
ଦେଖିଲେ ଉଠୁଛି କୋହ ।

*କଳମ୍ବ (ଡିହସାହି)*
*ପୋଲସରା*
*ଗଞ୍ଜାମ*

## ଚିଠି

*ରତ୍ନକାନ୍ତି ମିଶ୍ର*



କେବେ କେବେ ମୁଁ ସ୍ୱପ୍ନ ଦେଖେ
ତାଙ୍କୁ ସରାଗେ ହୃଦୟେ ରଖେ
ମନକଥା ମୁଁ ଲେଖି ବସଇ
ଲଫାପା ମଧ୍ୟେ ଭାଙ୍ଗି ରଖଇ...
ରାତ୍ରି ସରେ, ସ୍ୱପ୍ନ ସରେ
ଲେଖିବି ଚିଠି କଲମ ଧରେ
କାଳି ନଥିଲେ ସିନା ଭରଇ
ଠିକଣା ତାଙ୍କ ମିଳଇ ନାହିଁ...
ନିଜକୁ ନିଜେ ପଚାରି ହୁଏ
ଘାରି ହୁଏ ମୁଁ ଲୁହ ବା କୋହେ
ସେ କି' ଆଉ ଫେରିବେ ନାହିଁ
ରହଇ ଚାହିଁ,ଅବୁଝା ହୋଇ...
କାନ୍ଥ, କବାଟ,ଚଉକି ଛୁଏଁ
ତାଙ୍କରି ସ୍ପର୍ଶ ସତେକି ପାଏ
ଭାବନାରେ ମୋ ଆସନ୍ତି ଆପେ
ଥାଆନ୍ତି ସଦା ଅଦୃଶ୍ୟ ରୂପେ...
ଖୋଜି ହୁଏ ମୁଁ ସ୍ମୃତି ସାଉଁଟି
ଖପରଲିର ଛୋଟ ଘରଟି
କାଚଶିଶି ର ଡିବିରି ଜାଳି
ଭବ୍ୟ ଭବିଷ୍ୟ ହୁଅନ୍ତି ଭାଳି....
ମୋ ପାଇଁ କେତେ ସପନ ଦେଖି
ମଥାରେ ମୋର ହାତ ସେ ରଖି
ଚାଲନ୍ତି ନିଜ କର୍ମ ପଥେ
ଏମିତି ଯାହା ସମୟ ବିତେ...
ଚିଠି ଲେଖିଛି ତାଙ୍କରି ପାଇଁ
ଠିକଣା ସିନା ଜାଣେନା ମୁହିଁ
ଥାଆନ୍ତୁ ପଛେ ବାପା ଯେଉଁଠି
ଚେତନାରେ ମୁଁ ଦେବିଟି ଭେଟି..

*ଆଳି, କେନ୍ଦ୍ରାପଡା*

## ସେଇ ପରା ମୋ ଗାଁ

*ଆଦ୍ୟାଶା ମହାପାତ୍ର*



ଫୁଟିଆ ତାରାର ଫିକା ହସ ତଳେ
ପୂର୍ଣ୍ଣଗର୍ଭା ନଦୀ ଛଳଛଳ ଧାରେ
ସୂର୍ଯ୍ୟ ଯହିଁ ଉଠି ମୁଖ ପ୍ରକ୍ଷାଳନ୍ତେ
ଲେଖିବସେ ଅ.. ଆ..
ସେଇ ପରା ମୋ ଗାଁ ।।
କୋଟିଏ ଲାବଣ୍ୟ ଯହିଁ ସମାବେତ
ସୁଖ ଅଇଶ୍ୱର୍ଯ୍ୟ ଯହିଁ ହୁଏ ପ୍ରାପ୍ତ
ପ୍ରତିଟି ସକାଳ ଆଣିଦିଏ ଯହିଁ
ସ୍ନିଗ୍ଧ ସତେଜ ଛୁଆଁ
ସେଇ ପରା ମୋ ଗାଁ ।।
ମେଘମାଳା ଯହିଁ ଆକାଶରେ ଭାସେ
ମଉସୁମୀ ଆସି ପୀୟୂଷ ପରଷେ
ସୁଜଳା ସୁଫଳା ସବୁଜିମା ଦୃଶ୍ୟେ
ହସେ ଯହିଁ ମାଟି ମାଆ
ସେଇ ପରା ମୋ ଗାଁ ।।
ବଟ ବୃକ୍ଷ ତଳେ ସୁଶୀତଳ ଛାଇ
ତା' ତଳେ ଆଶ୍ରିତ କ୍ଲାନ୍ତ ବାଟୋଇ
ପତ୍ର ବିଞ୍ଚଣାରୁ ଶୀତଳ ପବନ
ବହି ଯହିଁ କହେ 'ଆହା'
ସେଇ ପରା ମୋ ଗାଁ ।।
ପ୍ରଭାତରୁ ଯହିଁ ଶୁଭଇ ଓଁକାର
ଘଣ୍ଟ ଘଣ୍ଟା ନାଦେ ଉଛୁଳେ ମନ୍ଦିର
ପୂଜା ଆଳତି ଓ ମନ୍ତ୍ର ଧ୍ୱନିରେ
ଶୁଭେ ଅନ୍ତର୍ମନେ ସ୍ୱାହା
ସେଇ ପରା ମୋ ଗାଁ ।।
ସରଗ ସୁଷମା ଯେଉଁଠାରେ ଲବ୍ଧ
ପକ୍ଷୀ କାକଳିରେ ମନ ହୁଏ ମୁଗ୍ଧ
ଯେଉଁଠି ହସର ସୁମନ ଚହଟି
ଲଗାଏ ଜୀବନେ ମାୟା
ସେଇ ପରା ମୋ ଗାଁ ।।
ଅନ୍ତୁଡି ନିଆଁ ମୋ ଯେଉଁଠି ଜଳିଛି
ଦୁଃଖ ଅବସାଦ ହୋଇଯାଏ ପୋଛି
ଯା ପାଣି ପବନେ ଗଢା ମୋର କାୟା
ତା' କୋଳେ ଲେଖା ମୋ ନାଁ
ସେଇ ପରା ମୋ ଗାଁ ।।

*ନୂଆପଡା, କଟକ*

## ଆକର୍ଷଣ-ବିକର୍ଷଣ

*ନିରଞ୍ଜନ ସାହୁ*



ଗାଆଁରେ ରହିଛି ଏତେ ଆକର୍ଷଣ
ବିଦେଶରୁ ଟାଣି ଆଣେ
ସହରର ଚାକଚକ୍ୟ ପରିବେଶ
ଗାଆଁର କଥା କି ଜାଣେ ?
ସହରରେ ସବୁ ସୁବିଧା ଥାଇକି
ଗାଆଁ ପ୍ରତି ଥାଏ ମାୟା
ଗାଆଁ କଥା ଯେବେ ମନେ ପଡ଼ିଯାଏ
ଗ୍ରାମୀଣ ମଣିଷ ବାୟା
ଗାଁ ମାଟି ମମତା ହାତ ଠାରି ଡାକେ
ଚୁମ୍ବକ ପରାୟେ ଟାଣେ ।
ଗ୍ରାମୀଣ ମଣିଷ ସହରେ ରହିବ
ମନରେ ବାନ୍ଧଇ ବସା
ସହରେ ରହିକି ଗାଆଁକୁ ଝୁରଇ
ହେଉ ପଛେ ଲୋକହସା
ଆଖି ଆଗେ ଗାଆଁ ଭୂଇଁ ନାଚୁଥାଏ
ମାନସ୍ତାପେ ମୁହଁ ହାଣେ ।
ଗାଆଁ ପରିବେଶ , ପ୍ରାକୃତିକ ଦୃଶ୍ୟ
ସମ୍ପର୍କର ଭାଇଚାରା
ପ୍ରଥା, ପରମ୍ପରା, ଚାଲିଚଳଣିକୁ
ଭୁଲେ କେ ' ଜୀବନ ସାରା
ଗାଆଁ କଥା ମନେପଡିଗଲେ ଲାଗେ
ପଡିଲା କି ମାଆ ରାଣେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*

## ଶତାବ୍ଦୀର ମହାନାୟକ

*ଉମେଶ ଚନ୍ଦ୍ର ପାତ୍ର*

ତୁମେ ସ୍ଥିତପ୍ରଜ୍ଞ ରାଷ୍ଟ୍ରନାୟକ
ମହାନ ସ୍ୱପ୍ନର ମହାନାୟକ
ତୁମ ଅଭୀପ୍ସା
ତୁମ ସ୍ୱପ୍ନ
ଏ ଜାତିକୁ ଦେଇଛି ନବଜନ୍ମ
ତୁମେ ଝଡ଼ର ଇଗଲ୍
ବିଶ୍ୱକବି ରବିନ୍ଦ୍ରନାଥଙ୍କୁ ଅନ୍ତର ମଧ୍ୟେ
ଗୁରୁ ବୋଲି ମାନିନେଲ
ତାଙ୍କ ଉକ୍ତି ସଦା ମନେ ହେଜିଲ -
ଯଦି ସ୍ୱପ୍ନ ଦେଖିବ
ତେବେ ଦେଖ ସଦା ମହନୀୟ
ବିଶାଳ ସ୍ୱପ୍ନ ଆଣିଦେବ ନିଷ୍ଠ ?
ସଂସ୍କୃତିର ଅଭ୍ୟୁଦୟ
ସ୍ୱପ୍ନର ସାରଥୀ, ସଂସ୍କୃତିର କର୍ଣ୍ଣଧାର
'ଗାଁକୁ କାମ , ମା'କୁ ସମ୍ମାନ' ଡାକରା
ଦେଇ
ବିଶ୍ୱ ଦରବାରେ ଓଡ଼ିଆ ଜାତିର
ମହାନ୍ତିଙ୍କୁ
ଚିହ୍ନାଇବାର ପ୍ରୟାସ ନେଇ
ତୁମ ଦୁଃସାହସ ନିର୍ଭୀକତା ସ୍ପଷ୍ଟବାଦିତା
ତୁମ ସ୍ୱାଭିମାନ
ଆତ୍ମବିଶ୍ୱାସ
ଆଣିଛି ଅଶେଷ ଗୌରବ ଓ ସମ୍ମାନ
ତୁମେ ଶତାବ୍ଦୀର ମହାନାୟକ
ପ୍ରବାଦ ପୁରୁଷ
ଦୂରଦର୍ଶୀ ରାଜନୀତିଜ୍ଞ
ତୁମେ ଭୂମିପୁତ୍ର
ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ
ଧାରକ
ତୁମ ପ୍ରଦର୍ଶିତ ମାର୍ଗ ଅନୁସରି
ଅନ୍ତଃରାଷ୍ଟ୍ରୀୟ ମାନଚିତ୍ରେ ଆଜି
ଓଡ଼ିଶାର ନବ ପରିଚୟ
ମାଟିର ସନ୍ତାନ ଘେନ ଅୟୁତ ଦଣ୍ଡବତ
ରାଜ୍ୟବାସୀଙ୍କ ଶ୍ରଦ୍ଧା ସମ୍ମାନ ପ୍ରଣିପାତ
ତବ ପବିତ୍ର ନାମ ସ୍ମରଣେ
ଅଦମ୍ୟ ସାହସ , ଅକୁଣ୍ଠ ଉତ୍ସାହ
ଦୂର୍ବାର ଆକାଂକ୍ଷା ଜାଗି ଉଠେ ସଦା
ପ୍ରତି ପ୍ରାଣେ
ଡାକୋଟା ଝୁରେ ଏ ଜାତି ନିୟତ ସ୍ମରେ
ଆହେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ
ବିଶ୍ୱେ ପରିଚିତ କର୍ମର ଶ୍ରେଷ୍ଠ ସାଧକ
ତୁମେ ବିଜୁ ..... ବିଜୁ ପଟ୍ଟନାୟକ ।

*ଛତିଆ*
*ଯାଜପୁର*
*ମୋ - ୯୮୫୩୫୮୯୩୪୨*

## ସ୍ୱପ୍ନରେ ସମ୍ପର୍କ

*ପୂର୍ଣ୍ଣଚନ୍ଦ୍ର ବହଳି*



ମୁଁ ଚାହୁଁଥିଲି ତୁମ ସ୍ୱପ୍ନରେ
ରଙ୍ଗ ଭରିଦେବାକୁ
କିନ୍ତୁ ମୋ ରଙ୍ଗର ପୁଟୁଳି
କେଉଁଠି ହଜିଗଲା
ମୁଁ ଚାହୁଁଥିଲି ତୁମ ପାଇଁ କିଛି ଲେଖିବାକୁ
କିନ୍ତୁ ଶବ୍ଦଗୁଡିକ
ଅସ୍ତିତ୍ୱବିହୀନ ହୋଇଗଲା
ମୁଁ ଚାହୁଁଥିଲି ତୁମର କଥା
ମୋ ଓଠରେ କହିବାକୁ
କିନ୍ତୁ ମୋର କଥା
ଭିତରେ କେଉଁଠି ଦବି ରହିଗଲା
ମୁଁ ଚାହୁଁଥିଲି ସବୁ କିଛି ତୁମ
ନଜରରେ ଦେଖିବାକୁ
କିନ୍ତୁ ମୋର ଦୃଷ୍ଟି
ବହୁତ କ୍ଷୀଣ ହୋଇଗଲା
ମୁଁ ଚାହୁଁଥିଲି ତୁମ ସହିତ ସାରା ଜୀବନ
ସାଥିରେ ଚାଲିବାକୁ
କିନ୍ତୁ ପାଦରେ ସମ୍ପର୍କର
ଶିକୁଳି ବନ୍ଧା ହୋଇଥିଲା
ଓହୋ ତୁମେ ମିଳିଲ କେବେ ଯେ
ତୁମକୁ ହରାଇବା କଥା ମନରେ
ଆସିଲା ।

*ଭଦ୍ରକ*

## ଶତାବ୍ଦୀର ମହାନାୟକ

*ଉମେଶ ଚନ୍ଦ୍ର ପାତ୍ର*



ତୁମେ ସ୍ଥିତପ୍ରଜ୍ଞ ରାଷ୍ଟ୍ରନାୟକ
ମହାନ ସ୍ୱପ୍ନର ମହାନାୟକ
ତୁମ ଅଭୀପ୍ସା
ତୁମ ସ୍ୱପ୍ନ
ଏ ଜାତିକୁ ଦେଇଛି ନବଜନ୍ମ
ତୁମେ ଝଡ଼ର ଇଗଲ୍
ବିଶ୍ୱକବି ରବିନ୍ଦ୍ରନାଥଙ୍କୁ ଅନ୍ତର ମଧ୍ୟେ
ଗୁରୁ ବୋଲି ମାନିନେଲ
ତାଙ୍କ ଉକ୍ତି ସଦା ମନେ ହେଜିଲ -
ଯଦି ସ୍ୱପ୍ନ ଦେଖିବ
ତେବେ ଦେଖ ସଦା ମହନୀୟ
ବିଶାଳ ସ୍ୱପ୍ନ ଆଣିଦେବ ନିଷ୍ଠ ?
ସଂସ୍କୃତିର ଅଭ୍ୟୁଦୟ
ସ୍ୱପ୍ନର ସାରଥୀ, ସଂସ୍କୃତିର କର୍ଣ୍ଣଧାର
'ଗାଁକୁ କାମ , ମା'କୁ ସମ୍ମାନ' ଡାକରା
ଦେଇ
ବିଶ୍ୱ ଦରବାରେ ଓଡ଼ିଆ ଜାତିର
ମହାନ୍ତିଙ୍କୁ
ଚିହ୍ନାଇବାର ପ୍ରୟାସ ନେଇ
ତୁମ ଦୁଃସାହସ ନିର୍ଭୀକତା ସ୍ପଷ୍ଟବାଦିତା
ତୁମ ସ୍ୱାଭିମାନ
ଆତ୍ମବିଶ୍ୱାସ
ଆଣିଛି ଅଶେଷ ଗୌରବ ଓ ସମ୍ମାନ
ତୁମେ ଶତାବ୍ଦୀର ମହାନାୟକ
ପ୍ରବାଦ ପୁରୁଷ
ଦୂରଦର୍ଶୀ ରାଜନୀତିଜ୍ଞ
ତୁମେ ଭୂମିପୁତ୍ର
ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ
ଧାରକ
ତୁମ ପ୍ରଦର୍ଶିତ ମାର୍ଗ ଅନୁସରି
ଅନ୍ତଃରାଷ୍ଟ୍ରୀୟ ମାନଚିତ୍ରେ ଆଜି
ଓଡ଼ିଶାର ନବ ପରିଚୟ
ମାଟିର ସନ୍ତାନ ଘେନ ଅୟୁତ ଦଣ୍ଡବତ
ରାଜ୍ୟବାସୀଙ୍କ ଶ୍ରଦ୍ଧା ସମ୍ମାନ ପ୍ରଣିପାତ
ତବ ପବିତ୍ର ନାମ ସ୍ମରଣେ
ଅଦମ୍ୟ ସାହସ , ଅକୁଣ୍ଠ ଉତ୍ସାହ
ଦୂର୍ବାର ଆକାଂକ୍ଷା ଜାଗି ଉଠେ ସଦା ପ୍ରତି
ପ୍ରାଣେ
ଡାକୋଟା ଝୁରେ ଏ ଜାତି ନିୟତ ସ୍ମରେ
ଆହେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ
ବିଶ୍ୱେ ପରିଚିତ କର୍ମର ଶ୍ରେଷ୍ଠ ସାଧକ
ତୁମେ ବିଜୁ ..... ବିଜୁ ପଟ୍ଟନାୟକ ।

*ଛତିଆ*
*ଯାଜପୁର*

## କାମନା ଦୀପ

*ସୁଧାକର ରାଉତ*



ଆଜିବି ଡାକୁଛି ହାତ ଠାରି ମୋତେ
ଅତୀତ ଟା ଦ୍ୱାର ପାଶେ
କିପରି ଖୋଲିବି ରୁଦ୍ଧ ହୃଦ ଦ୍ୱାର
ଜୀବନ କାହାଣୀ ଶେଷେ ।
ସିଏ କି ବୁଝିଛି ବର୍ତ୍ତମାନ ଆସି
ମୋ ଦେହରେ ରଙ୍ଗ ମାଖି
ଭୁଲାଇ ଦେଇଛି ତା ଶୀତଳ ଛୁଆଁ
ଚୋରା ଚଇତାଳି ଆଖି ।
ସଞ୍ଜ ଅନ୍ଧାରର ମହୁଲ ବାସନା
ଆଉ ମୋ ସନ୍ଧାନୀ ମନ
ବିଳାପ କରଇ ଶୂନ୍ୟାକାଶେ ଚାହିଁ
କାହିଁ ହଜିଲା ସେ ଦିନ ।
ମଉଳା ଫୁଲର ମହକ ପରି ମୁଁ
ଜାଣିଶୁଣି ସବୁ ତେଜି
ସ୍ମୃତି ପାଉଁଶକୁ ଦେହୁ ପୋଛିଦେଇ
ନିଜ ଭାଗ୍ୟ ବସେ ଖୋଜି ।
ଅତୀତଟା କୁ ମୁଁ ଅତିଥି କରିଲେ
ନିନ୍ଦା ଅପବାଦ ଯେତେ
କଳଙ୍କ ପସରାଇ ବୋଝ ବଢିବ
ମିଳିବନି ତ୍ରାହି ମୋତେ ।
ବିହଙ୍ଗକୁଳ ବି ଗୀତ ଭୁଲିଯାଇ
ଆଦରି ଯେ ଯାହା ବସା
ଅନ୍ଧାରର ଆଗମନେ ନିରବରେ
ଖୋଜନ୍ତି ସକାଳ ଆଶା ।
ସ୍ୱପ୍ନ ମାନଙ୍କୁ ମୁଁ ଫିଙ୍ଗି ଦେଲି ଦୂରେ
ତଥାପି ସେ ଛପି ଛପି
ଭୋକିଲା ପ୍ରାଣରେ କାମନାର ଦୀପ
ଜାଳନ୍ତି ସେ ଛପି ଛପି ।

*ପ୍ରତାପ ନଗରୀ,କଟକ*
*ମୋ-୮୨୪୯୯୩୨୭୯୨୦୭*




# ଛାତ୍ରଙ୍କ ଜଳସମାଧି ! !

ଏକ ଅଭାବନୀୟ ଘଟଣାକ୍ରମରେ କଟକ ସହରର ତିନିଜଣ ପିଲାଙ୍କର ମୂଲ୍ୟବାନ ଜୀବନ ନିର୍ବାପିତ ହୋଇଯାଇଛି। ସାଙ୍ଗ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ଆଉ ତୀବ୍ର ଗଣ୍ଡ ଭିତରେ ପଶିଯାଇ ନିଜକୁ ମୁକୁଳାଇ ପାରିଲେ ନାହିଁ। ଏହିଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଓଡ଼ିଶା ସରକାର ଯୁବ ବର୍ଗଙ୍କ ପାଇଁ ଅନେକ କିଛି କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ଏବଂ ନିଜ ଢ଼ୋଲ ନିଜେ ବି ବାଡ଼ଉଛନ୍ତି। ରକ୍ତଦାନ କାର୍ଯ୍ୟକ୍ରମ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ଯୁବ ବର୍ଗଙ୍କ ସେବା ନିଶ୍ଚିତ ଗ୍ରହଣୀୟ ଏହାକୁ କେହି ମନେ କରୁନି କିନ୍ତୁ ବଡ଼କଥା ହେଉଛି ପିଲାମାନେ ଯେପରି ରକ୍ତଦାନ କରୁଛନ୍ତି, ବୃକ୍ଷରୋପଣ କରୁଛନ୍ତି ସେହିପରି ସେମାନଙ୍କୁ ପହଁରିବା ଶିକ୍ଷା ବିଧିବଦ୍ଧ ଭାବେ କ'ଣ ପାଇଁ ଦିଆଯାଇପାରୁନାହିଁ। କଟକର ଜୀବନ ରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀରେ ପ୍ରତିଦିନ କେଉଁଠି ନା କେଉଁଠି ଅଘଟଣ ଘଟୁଛି। ପାଣିରେ ବୁଡ଼ି କାହାର ଜୀବନ ଯାଉଥିଲା ବେଳେ ଆଉ କିଏ ଅଳ୍ପକେ ବର୍ତ୍ତି ଯାଉଛନ୍ତି। ସାମାନ୍ୟ ଅସାବଧାନତା ଲୋକଙ୍କୁ ମରଣ ମୁହଁକୁ ଟାଣି ନେଉଛି। ଯଦିଓ ଦୁଇ ନଦୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ବିପଦ ସଙ୍କୁଳ ଘୋଷଣା ସହ ସେଠାରେ ସତର୍କ ସୂଚନାଫଳକ ଲଗାଯାଇଛି। ମାତ୍ର ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ପ୍ରଶାସନର ଏପରି ଅବହେଳା ଓ ଲୋକଙ୍କ ଅସାବଧାନତାରୁ ନଦୀ ବୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଲା ନଅ ବର୍ଷରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସବୁ ଦୋଷ କେବଳ ମହାନଦୀ ମୁଣ୍ଡାଉଛି। ଏମିତିକି ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଲୋକଙ୍କ ଜୀବନରେଖା ପାଲଟି ଥିବା ମହାନଦୀ ଅଭିଶପ୍ତ କହିବା ଆରମ୍ଭ କଲେଣି।

ସର୍ବାଧିକ ଅଘଟଣ ମହାନଦୀର ନରାଜ ଠାରୁ ଯୋବ୍ରା ଆନିକଟ ମଧ୍ୟରେ ଘଟୁଛି। ଯୋବ୍ରା ବ୍ୟାରେଜରେ ଗାଧୋଇବାକୁ ଯାଇ ୨୦୧୩ ମେ ୧୨ରେ ଦୁଇ ଜଣ ଯୁକ୍ତ ଦୁଇ ଓ ୨୩ରେ ବୋଷର ଦୁଇଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୫ ଏପ୍ରିଲ ୧୩ରେ ରେଭେନ୍ସାର ଚାରି ଜଣ ଛାତ୍ର, ୨୦୧୯ରେ ଏପ୍ରିଲ ୬ରେ ରାଣିହାଟ ଶଗଡ଼ିଆ ସାହିର ଜଣେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ଗଡ଼ଗଡ଼ିଆ ଘାଟରେ ୨୦୧୩ ଅକ୍ଟୋବର ୩୧ରେ ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀର ୩ ଛାତ୍ର, ୨୦୧୭ ଅଗଷ୍ଟ ୩୦ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜିର ୩ ଅଣ ଓଡ଼ିଆ ଛାତ୍ର ଓ ଅକ୍ଟୋବର ୨ରେ ଦୁଇଜଣ ଯୁବକ ଭାସି ଯାଇଥିଲେ। ନରାଜରେ ୨୦୧୭ ଅଗଷ୍ଟ ୨୫ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଧବଳେଶ୍ୱର ଗଡ଼ାରେ ୨୦୧୭ ଅକ୍ଟୋବର ୭ରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର, ୨୦୧୮ ଅକ୍ଟୋବର ୨ରେ ଚହଟାରେ ଦୁଇ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ୨୦୧୯ ଅଗଷ୍ଟରେ ଜଣେ ଜାତୀୟ ସ୍ତରରେ ଖେଳାଳୀ ମହାନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି କାଠଯୋଡ଼ିରେ ୨୦୧୮ ମେ ୬ରେ ଜଣେ ୧୦ମ ଶ୍ରେଣୀ ଓ ବିସିଏ ଦ୍ୱିତୀୟ ବର୍ଷ ଜଣେ ଛାତ୍ର ଖାନନଗର ତ୍ରିନାଥ ଗଡ଼ାରେ ବୁଡ଼ି ପ୍ରାଣ ହରାଇଥିଲେ।

ଏହାଛଡ଼ା ୨୦୨୧ ନଭେମ୍ବର ୨୫ରେ ଚାରି ଜଣ ସ୍କୁଲ ଛାତ୍ର କୋଳି ଖାଇବା ପାଇଁ ମହାନଦୀର ଭଦିମୂଳ ଘାଟକୁ ଯାଇ ବୁଡ଼ି ଯାଇଥିଲେ। ଦୁଇ ଦିନ ପରେ ସମସ୍ତଙ୍କ ଶବ ପାଣିରୁ ମିଳିଥିଲା। ସେହିପରି ଗଲା ମାର୍ଚ୍ଚ ୨୯ରେ ନରାଜରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ଏହି ସବୁ ଘଟଣା ବାଦ ଅନେକ ଅଘଟଣରେ ଅନେକଙ୍କ ଜୀବନ ଯାଇଛି। ମୁଖ୍ୟ କଥା ହେଉଛି ସବୁ ଘଟଣା ପଛରେ ଅସାବଧାନତାକୁ ଦାୟୀ କରାଯାଇଛି। ଅନ୍ୟପଟେ ଏଭଳି ଅଘଟଣକୁ ରୋକିବା ଲାଗି ୨୦୧୭ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ନଦୀର ଏକାଧିକ ଘାଟରେ ସତର୍କ ସୂଚନାଫଳ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସୂଚନା ଫଳକ ନଷ୍ଟ ହୋଇଯାଇଛି। ଏହାର ମରାମତି ଲାଗି ଅନେକ ଥର ଦାବି କରାଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଫଳରେ ନଦୀର ଗଭୀରା ଜାଣି ନପାରି ଲୋକେ ଅକାଳ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ସ୍ଥିତିରେ ନା ଜନସାଧାରଣ ସଚେତନ ହେଉଛନ୍ତି, ନା ଜିଲ୍ଲା ପ୍ରଶାସନ ନିଜ ଆଡୁ ତତ୍ପରତା ପ୍ରକାଶ କରୁଛନ୍ତି। ଅଘଟଣ ପରେ ସବୁ ଦୋଷ ନଦୀ ଉପରେ ଛାଡ଼ି ଦିଆଯାଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଚ୍ଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ପିଲାମାନେ ଅଭାବନୀୟ ଭାବେ ଯେଉଁ ଜଳସମାଧି ନେଲେ ତାହା କ'ଣ ସେମାନଙ୍କ ଭାଗ୍ୟ ଥିଲା ? ପ୍ରଶାସନ କରୁଛି କ'ଣ ଏବଂ ଏ କ୍ଷେତ୍ରରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପର୍ଯ୍ୟାପ୍ତ କ୍ଷତି ପୂରଣ ଦିଆଯାଉ।

# ଚଇତି ଘୋଡ଼ାନାଚ

ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି



ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ।

କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇୟା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା'ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ। ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କେବିର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

# ଷ୍ଟ୍ରଙ୍ଗ ରୁମର ସୁରକ୍ଷା ନେଇ ପ୍ରଶ୍ନବାଚୀ ?

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ନେଇ ପ୍ରଶ୍ନବାଚୀ ଉଠିଛି। ଷ୍ଟ୍ରଙ୍ଗରୁମରେ ସିସିଟିଭି କ୍ୟାମେରା ଲାଗିଛି ଓ ବାହାରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହାସତ୍ତ୍ୱେବି ଷ୍ଟ୍ରଙ୍ଗରୁମ ବାହାରେ ବାଲାଟ ପେପର ପୋଡାଯିବା ଓ ଚିରାଯିବା ଘଟଣାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରିଛି। ଏହି ଘଟଣାକୁ ନେଇ ଷ୍ଟ୍ରଙ୍ଗରୁମ ବାହାରେ ଶୁକ୍ରବାର ସକାଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କେତେକ ରାଜନୈତିକ ଦଳର ନେତା ଓ କର୍ମୀମାନେ ଏକଜୁଟ୍ ହୋଇ ହୋହଲ୍ଲା କରିଥିଲେ। ସେଠାରେ ଯେଉଁ ବାଲାଟ ପେପର ପଡିଥିଲା ତାହା କଂସାର ଓ କପାଳେଶ୍ୱର ଗ୍ରାମପଞ୍ଚାୟତରେ ହୋଇଥିବା ମତଦାନର ବାଲାଟ ପେପର ବୋଲି ଅଭିଯୋଗ ହୋଇଛି। କଂସାର ପଞ୍ଚାୟତ ସରପଞ୍ଚ ତଥା ରାଜ୍ୟ ସରପଞ୍ଚ ମହାସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଘଟଣା ସ୍ଥଳରେ ତାଙ୍କ ସମର୍ଥକଙ୍କ ସହ ପହଞ୍ଚି ଅଭିଯୋଗ କରିଥିଲେ ଯେ ତାଙ୍କ ପତ୍ନୀ ଚଳିତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧୀ ସରପଞ୍ଚ ପ୍ରାର୍ଥୀ ହାରିଯିବା ଭୟରେ ଏଭଳି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ଦଳର ସମର୍ଥନରେ ସେ ୨୦୧୭ମସିହାରେ ନିର୍ବାଚନ ଜିତିଥିଲେ। ତେଣୁ ଶାସକ ଦଳର ପ୍ରାର୍ଥୀ ହାରିଯିବା ଭୟରେ ଏଭଳି କାଣ୍ଡ ଘଟାଇ ଥାଇ ପାରନ୍ତି। ଉତ୍ତେଜନା ଖବର ପାଇ ଘଟଣାସ୍ଥଳକୁ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ ଓ କେନ୍ଦ୍ରାପଡ଼ା ତହସିଲଦାର ହେମଲତା ବାହାଲିଆ ପ୍ରମୁଖ ଯାଇ ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି ରାତି ସାରା ପୋଲିସ ଫୋର୍ସ ଜଗି ରହିଥିଲେ। ଏଥିସହ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନେ ମଧ୍ୟ ଷ୍ଟ୍ରଙ୍ଗରୁମ ବାହାରେ ଥିଲେ। ତେଣୁ କିପରି ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯିବ। ତଦନ୍ତ ପରେ ଯେଉଁ ବ୍ୟକ୍ତି ଏଭଳି କାଣ୍ଡ କରିଥିବାର ପ୍ରମାଣ ମିଳିବ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାର ତଦନ୍ତ କରିବାକୁ କେନ୍ଦ୍ରାପଡା ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲ୍ଲାପାଳ କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ବିଜେପି ଦୃଢ଼ ନିନ୍ଦା କରିଛି। ବିଜେପି ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ସାକ୍ଷାତ କରି ଷ୍ଟ୍ରଙ୍ଗରୁମର ସୁରକ୍ଷା ଦାବି କରିଛନ୍ତି। ଏଥିସହ ଏହି ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଜେପି ଏହି ସ୍ମାରକପତ୍ରରେ ଉଲ୍ଲେଖ କରିଛି ଯେ ଯେଉଁ ବାଲାଟ ପେପର ଷ୍ଟ୍ରଙ୍ଗରୁମ ବାହାରେ ପଡିଥିଲା ସେଗୁଡିକ ଅସଲି ବାଲାଟ ପେପର। ଗତ ରାତିରେ ଷ୍ଟ୍ରଙ୍ଗରୁମରେ ଲୁଚାଣିଆ ଭାବେ କିଛି କାରସାଦି କରାଯାଇଥିବା ବିଜେପି ଅଭିଯୋଗ କରିଛି। ଜିଲା ସୁରକ୍ଷା ବ୍ୟବସ୍ଥା ଏଥିପାଇଁ ଦାୟୀ ବୋଲି ବିଜେପି କହିଛି। କେବଳ ସେତିକି ନୁହେଁ ଜିଲ୍ଲା ପ୍ରଶାସନ ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛି।

# ମାଇଥୋମାନିଆ

ଜୀବନରେ ଏକ ବିଚିତ୍ର ସତ୍ୟ ଆଉ ମିଥ୍ୟା ଥାଏ। ଏହି କଥାକୁ ବଡ଼ ଦୁଃଖର ସହିତ କହିଲେ ମୋ ବନ୍ଧୁ ଦେବଦତ୍ତ। ତାଙ୍କ ଜଣେ ବନ୍ଧୁ ପିଲାଦିନରୁ କଳ୍ପନାବିଳାସୀ। ପିଲାଦିନରୁ ଛୋଟ ଛୋଟ ପ୍ରସଙ୍ଗକୁ ମିଛ କହିବାର ଏକ ପ୍ରକାର ପ୍ରବଣତା ସେ ଧୀରେ ଧୀରେ ନେଇଯାଇଥିଲେ। ତାଙ୍କ ବ୍ୟସ୍ତତା ଶୁଣିକି ମୁଁ ତାଙ୍କୁ କହିଲି ଯେ ଜୀବନରେ ଏହା ନିଶ୍ଚିନ୍ତ ଏକ ଅସ୍ୱାଭାବିକ ଘଟଣା। ତେବେ ବଡ଼ କଥା ହେଉଛି ପିଲାମାନେ ବେଳେ ବେଳେ ମିଛ କୁହନ୍ତି ଆଉ କେଉଁ ପରିସ୍ଥିତିରେ କୁହନ୍ତି ତାହା ଜାଣିବା ବାପା ମାଆଙ୍କର ବଡ଼ କର୍ତ୍ତବ୍ୟ। ମୁଁ ତାଙ୍କୁ ପରାମର୍ଶରେ କହିଲି ଯେ, ମଣିଷ ନିଜ ଜୀବନରେ ଯେ କେବେ କେମିତି ମିଛର ସାହାରା ନେଇଥାଏ। ଜୀବନରେ ଥରେ ବି ମିଛ କହିନଥିବା ଲୋକଙ୍କ ସଂଖ୍ୟା ହୁଏତ ଅତି ବିରଳ ହୋଇଥିବ। କାରଣ ସମସ୍ୟା ସମାଧାନ ପାଇଁ ଅବା କାହାକୁ ବଞ୍ଚାଇବା ପାଇଁ ମଣିଷ ବେଳେ ବେଳେ ମିଥ୍ୟାର ଆଶ୍ରୟ ନେଇଥାଏ। କିନ୍ତୁ କିଛି ଲୋକ ଥାଆନ୍ତି ଯେଉଁମାନେ ସ୍ୱଭାବଗତ ଭାବେ ମିଛ କହିଥାଆନ୍ତି। ସେମାନଙ୍କ ମିଛ କହିବା ଦ୍ୱାରା ଯଦିଓ ଅନ୍ୟମାନଙ୍କର ଲାଭ ବା କ୍ଷତି କିଛି ବି ହୋଇନାଥାଏ। କିନ୍ତୁ ମିଛ କହୁଥିବା ଲୋକ ଆତ୍ମସନ୍ତୋଷ ପାଇଥାଏ ତେବେ ଧରିନେବାକୁ ହେବ ସେହି ବ୍ୟକ୍ତି ଏକ ପ୍ରକାର ମାନସିକ ରୋଗରେ ପୀଡ଼ିତ। ଯଦିଓ ଏହା ସେତେ ମାରାତ୍ମକ ନୁହେଁ। ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ ଏହା ରୋଗ ନୁହେଁ, ବରଂ ଏକ ପ୍ରକାର ମାନସିକ ସମସ୍ୟା। ମନସ୍ତାତ୍ତ୍ୱିକମାନଙ୍କ କହିବାନୁସାରେ ମାଇଥୋମାନିଆ ସେହି ଲୋକମାନେ ଭୋଗିଥାନ୍ତି ଯେଉଁମାନେ ଅତ୍ୟଧିକ କଳ୍ପନାବିଳାସୀ ହୋଇଥାନ୍ତି। ପିଲା ଦିନରୁ ଛୋଟ ଛୋଟ ପ୍ରସଙ୍ଗରେ ମିଛ କହିବାର ପ୍ରବଣତା ଧୀରେ ଧୀରେ ମାଇଥୋମାନିଆର ରୂପ ନେଇଥାଏ। କିନ୍ତୁ ମାଇଥୋମାନିଆ ଭୋଗୁଥିବା ଲୋକମାନେ ମକିଛ କହି କାହାର କ୍ଷତି କରନ୍ତି ନାହିଁ। କୋଲିନ୍ସ ଅଭିଧାନ ଅନୁସାରେ ଏହି ଶବ୍ଦଟି ୧୯୦୫ ମସିହାରେ ପ୍ରଥମେ ବ୍ୟବହୃତ ହୋଇଥିଲା। ମିଥ୍ ଓ ମାନିଆ ଦୁଇଟି ଶବ୍ଦରୁ ସୃଷ୍ଟି ହୋଇଛି ମାଇଥୋମାନିଆ। ମାଇଥୋମାନିଆ ଭୋଗୁଥିବା ଲୋକମାନେ ଅନେକ ସମୟରେ ଏତେ ସୁନ୍ଦର ମିଛ କହିଥାନ୍ତି ଯେ ଅନ୍ୟମାନେ ସେମାନଙ୍କ କଥାକୁ ଅତି ସହଜରେ ବିଶ୍ୱାସ ବି କରିଥାଆନ୍ତି। ପୁଣି ମାଇଥୋମାନିଆ ଭୋଗୁଥିବା କିଛି ଲୋକ ନିଜ ସଂପର୍କରେ ବଢ଼େଇ ହୋଇ କହିଥାନ୍ତି। ଏହି ସମସ୍ୟା ଭୋଗୁଥିବା ଅଳ୍ପ କିଛି ଲୋକଙ୍କର ଆତ୍ମଗର୍ବ ବି ଥାଏ। ଆଧୁନିକ ଯୁଗରେ ଏହି ସମସ୍ୟାର ସମାଧାନ ବେଶ ସହଜ। ଯଦି ଜଣେ ନିଜକୁ ଗଭୀର ଭାବେ ଅନୁଶୀଳନ କରିପାରିବ ତେବେ ସେ ବୁଝିପାରିବ ସେ ମାଇଥୋମାନିଆ ଭାଗୁଛି କି ନାହିଁ। ଯଦି ଜଣେ ଅନୁଭବ କରେ ସେ ଛୋଟ ଛୋଟ କଥାରେ ମାତ୍ରାଧିକ ମିଛ କହୁଛି ତେବେ ମନସ୍ତାତ୍ତ୍ୱିବିଦଙ୍କ ସାହାଯ୍ୟ ନେଇପାରିବେ। କୌଣସି ଔଷଧ ନୁହେଁ, ବରଂ କାଉନସେଲିଂ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ଅଭିଭାବକମାନେ ମଧ୍ୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ପିଲାମାନେ କେତେବେଳେ ମିଛ କହୁଛନ୍ତି, କାହିଁକି ମିଛ କହୁଛନ୍ତି, କେଉଁ ପରିସ୍ଥିତିରେ ପଡ଼ି ସେମାନଙ୍କ ପାଟିରୁ ମିଛ ବାହାରୁଛି ସେ ସବୁ ଭଲ ଭାବେ ବୁଝିବା ଆବଶ୍ୟକ। ଛୋଟ ପିଲା ବେଳେ ବେଳେ ଭୟରେ ମିଛ କହିଥାଆନ୍ତି। ତାହା ଅଲଗା ପ୍ରସଙ୍ଗ। କିନ୍ତୁ ପିଲାଦିନରୁ ସ୍ୱଭାବସିଦ୍ଧ ଭାବେ ମିଛ କହିବାର ଅଭ୍ୟାସ ତିଆରି ହୋଇଗଲେ ତାହା ପିଲାର ଭବିଷ୍ୟତକୁ ପ୍ରଭାବିତ କରିପାରେ। ଏ କ୍ଷେତ୍ରରେ ବାପା-ମାଆଙ୍କର ବଡ଼ କର୍ତ୍ତବ୍ୟ ରହିଛି ଏବଂ ଏ କ୍ଷେତ୍ରରେ ସଚେତନତା ମଧ୍ୟ ବଡ଼ ଗୁରୁତ୍ୱ ରଖେ। ତୁରନ୍ତ ଏହି ସମସ୍ୟା ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ରାଜଧାନୀ ପ୍ରତିଷ୍ଠା ଦିବସରେ ୧୩ଜଣଙ୍କୁ ପ୍ରଦାନ କରାଯିବ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର (ପିଏନ୍): ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୮ଟା ସମୟରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖସ୍ଥ ବେସାମରିକ ପରେଡ ଉତ୍ସବ ପରେ ପରେ ରାଜଧାନୀର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିପାଇଁ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକସଂପର୍କ ବିଭାଗ, ଜିଲ୍ଲାପାଳ ଖୋର୍ଦ୍ଧା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ଗଠିତ ଚୟନ କମିଟିରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି। କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ବୈଜ୍ଞାନିକ ଡ. ଅଜୟ ପରିଡ଼ା, ହକି ଖେଳାଳୀ ଦୀପଗ୍ରେସ୍ ଏକ୍କା, ଆଇନଜୀବୀ ଡ. ମଧୁମାଧବ ଜେନା, ଚିକିତ୍ସକ ଡା. ଅଶୋକ ନନ୍ଦ, ସମାଜସେବୀ ନୀଳମଣି ମିଶ୍ର, ଟ୍ରାଫିକ୍ କନଷ୍ଟେବଳ ଶେଷଦେବ ସାହୁ, ନର୍ସ ଶ୍ରୀମତୀ ହାରାମଣୀ ଦାଶ, ପୋଷ୍ଟମ୍ୟାନ୍ ବିପ୍ଳବ ରଂଜନ ମଲ୍ଲିକ ଓ ସୁଇପର ଶ୍ରୀମତୀ ସୁଷମା ଦେଇଙ୍କୁ ଉକ୍ତ ସମାରୋହରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ ମିଶ୍ର ଓ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

## ଆକର୍ଷଣୀୟ ନୃତ୍ୟରେ ମୋହିଲେ ଶିଶୁ କିଶୋର

ଭୁବନେଶ୍ୱର (ପିଏନ୍)- ଓଡିଆ ଭାଷା,ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସତର ବର୍ଷ ଧରି ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଏହାର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ୩ଦିନିଆ ଉଦ୍‌ଯାପନୀ ଉତ୍ସବର ପୂର୍ବରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅ'ର୍ଗତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟର ମୁକ୍ତାକାଶ ମ ରେ ଅନୁଷ୍ଠିତ ହୋଇଯାଇଛି।ଓଡିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ।

ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ପ୍ରଥମ ଥର ପାଇଁ ସଂଭାବନାର କିଛି ଶୁଭେଚ୍ଛୁ ସାମ୍ବାଦିକ ଅପୂର୍ବ ମହାନ୍ତି, ଅମ୍ବୁଜ କୁମାର ଦେଓ ସାମନ୍ତ,ସଂଗ୍ରାମ ଦାସ,ଅଧ୍ୟାପକ ସତ୍ୟ ସୁନ୍ଦର ସାହୁ ଓ ପିଜେ ଗ୍ରୁପର ଅଧକ୍ଷ ପ୍ରତାପ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଶିଶୁ-କିଶୋର ନୃତ୍ୟ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଯୋଗ ଦେଇଥିଲେ, ଗୁରୁ ଦେବବ୍ରତ ଦାସ ଓ ରଶ୍ମିତା ରାଜ ନନ୍ଦିନୀ ପାଣିଗ୍ରାହୀ। ପଚାଶରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟ ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।

## ସ୍କାଉଟସ୍ ଗାଇଡସ୍ ତରଫରୁ ରାମ ନବମୀ ସେବା ଶିବିର



ଭୁବନେଶ୍ୱର (ପିଏନ୍): ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଶ୍ରୀରାମ ନବମୀ ଅବସରରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୭୦ ଜଣ ରୋଭରଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଅଛି । ଖରା ଓ ଗରମ ଦାଉରୁ ଭକ୍ତମାନେ ରକ୍ଷାପାଇବା ପାଇଁ ରୋଭରମାନେ ଭକ୍ତମାନଙ୍କୁ ଦହି ପାଣି, ଥଣ୍ଡା ପାନୀୟଜଳ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଖରା ତାତିରୁ ରକ୍ଷା ପାଇବା ପାଇଁ ଭକ୍ତମାନଙ୍କ ଉପରେ ସ୍ପ୍ରେୟର ସାହାଯ୍ୟରେ ପାଣି ସି ନ କରିଥିଲେ, ଚାଲିବା ସ୍ଥାନରେ ପାଣି ଢ଼ାଳି ରାସ୍ତାକୁ ଥଣ୍ଡା ରଖୁଥିଲେ, ଲୋକମାନଙ୍କୁ ସୁବିଧାରେ ଦର୍ଶନ କରିବା ପାଇଁ ଲାଇନ୍ ମାଧ୍ୟମରେ ଲୋକମାନଙ୍କୁ ଭିତରକୁ ପ୍ରବେଶ କରାଉଥିଲେ, ମନ୍ଦିର ପରିସରରେ ଥିବା ଦୀପସ୍ଥାନ ଏବଂ ରାସ୍ତାରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରୁଥିଲେ, ଅସୁସ୍ଥ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ଏତଦ୍‌ବ୍ୟତୀତ ଜନଗହଳିକୁ ଏଡାଇବା ପାଇଁ ପୋଲିସ ଏବଂ ଟ୍ରାଫିକ୍‌ମାନଙ୍କୁ ସାହାଯ୍ୟ କରୁଥିଲେ।




# ମାଣତ୍ରୀ ଜାଗର ମେଳାରେ ଭକ୍ତଙ୍କୁ ଦହି ସର୍ବତ ଏବଂ ଓଆରଏସ ବାଣ୍ଟିଲେ ବିଜେଡି ଯୁବନେତା ଲଲାଟେନ୍ଦୁ



ବାରିପଦା,(ପି.ଏନ): ପବିତ୍ର ମହାଶିବରାତ୍ରି ଉପଲକ୍ଷେ ମୟୁରଭଞ୍ଜର ପ୍ରସିଦ୍ଧ ଶୈବ ପୀଠ ବାବା କଖାରୁଆ ବୈଦ୍ୟନାଥ ମାଣତ୍ରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଇଥିଲା. ସକାଳୁ ସକାଳୁ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନେ ବାବା ଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ. ସେହିପରି ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ବ୍ରତଧାରୀ ମାନଙ୍କର ଗହଳି ଲାଗିଥିଲା। ଏହି ଅବସର ରେ ବିଜେଡି ର ଯୁବନେତା ଲଲାଟେନ୍ଦୁ ବେହେରା ଙ୍କ ଦ୍ୱାରା ସକାଳେ ଭକ୍ତ ମାନଙ୍କ ପାଇଁ ଜଳଛତ୍ର ଓ ଦହି ସର୍ବତ ପରିବେଷଣ କରାଯାଇଥିବା ବେଳେ, ସଂନ୍ଧ୍ୟା ସମୟରେ ଦୀପଦାନ କରୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାଣି ବୋତଲ ଏବଂ ଓଆରଏସ ବଣ୍ଟନ କରିଥିଲେ। ତାଙ୍କର ଏଭଳି ସେବା ମୂଳକ କାର୍ଯ୍ୟକୁ ଜନସାଧାରଣ ଭୁରି ଭୁରି ପ୍ରସଂଶା କରିଥିଲେ।

# ପଣ୍ୟ ପରିଚ୍ଳାଳନାରେ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରି ସର୍ବ ଭାରତୀୟ ସ୍ତରରେ ଏକ ନମ୍ବର ମାନ୍ୟତା ବଜାୟ ରଖିଲା ପାରାଦୀପ ବନ୍ଦର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ର ପ୍ରତିବଦ୍ଧତା ଓ ସଂକଳ୍ପ ତଥା ଦକ୍ଷତା ପାଇଁ ଚ୍ଳଳିତ ଆର୍ଥିକ ବର୍ଷ ୨୦୨୩-୨୪ ର ୨୩ ଦିନ ପୂର୍ବରୁ ୧୩୫.୬୮ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚ୍ଳାଳନା କରି ସର୍ବ ଭାରତୀୟ ବୃହତ ବନ୍ଦର କ୍ଷେତ୍ରରେ ଇତିହାସ ସୃଷ୍ଟି କରି ଏକ ନମ୍ବର ମାନ୍ୟତା ହାସଲ କରିଛି । ତେବେ ଚ୍ଳଳିତ ବର୍ଷ ପାରାଦୀପ ବନ୍ଦରର ପଣ୍ୟ ପରିଚ୍ଳାଳନା ସର୍ବାଧିକ ୧୪୫ ଏମଏମଟି ରେ ପହଞ୍ଚିବାର ଆଶା ରଖାଯାଇଛି । ତେବେ ଏହି ଚ୍ଳମତ୍କାର ପ୍ରଦର୍ଶନ ପାଇଁ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଚ୍ଳଳିତ ଆର୍ଥିକ ବର୍ଷ ଫେବୃଆରୀ ମାସ ଶେଷ ପର୍ଯ୍ୟାୟରେ ପାରାଦୀପ ବନ୍ଦର ପଣ୍ୟ ପରିଚ୍ଳାଳନା ହାର ୮.୧୪ ପ୍ରତିଶତ ରହିଥିଲା । ସେହିପରି ଚ୍ଳଳିତ ବର୍ଷ ମାର୍ଚ୍ଚ ୮ ତାରିଖ ସୁଦ୍ଧା ବନ୍ଦରକୁ ୨୫୪୫ ଟି ଜାହାଜ ଚ୍ଳଳାଚ୍ଳଳ କରିଥିବା ବେଳେ ପୂର୍ବ ବର୍ଷ ଏହା ୨୨୦୦ ସଂଖ୍ୟା ରହିଥିଲା । କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ବନ୍ଦରର ପ୍ରତିବଦ୍ଧତା, ପଣ୍ୟ ପରିଚ୍ଳାଳନାରେ ରଣନୈତିକ ଉନ୍ନତି ସହିତ ଏହା ଶିଳ୍ପର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବାରେ ଏକ ପ୍ରମୁଖ ବନ୍ଦର ଭାବରେ ସ୍ଥାନିତ ହୋଇଛି । ଅନ୍ୟପକ୍ଷରେ ପାରାଦୀପ ବନ୍ଦରର ଲଗାତାର ଏହି ସଫଳତା ବନ୍ଦର ବ୍ୟବହାରକାରୀ ଙ୍କ ନିକଟତର କରିଛି ଏବଂ ଭବିଷ୍ୟତରେ ଅଧିକ ସଫଳତା ପାଇଁ ବନ୍ଦର ପ୍ରସ୍ତୁତ ହୋଇଛି ।

# ଦଣ୍ଡୋର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ




ଓଡ଼ଗାଁ,(ପି.ଏନ):ଓଡ଼ଗାଁ ବ୍ଲକ୍ କୁରାଳ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉ.ପ୍ରା.ବିଦ୍ୟାଳୟ,ଦଣ୍ଡୋର ପ୍ରତ୍ୟେକ ଶିକ୍ଷାବର୍ଷରେ ବିଭିନ୍ନ କ୍ଷେତ୍ରରେ ନିଜ ଛାତ୍ରଛାତ୍ରୀଙ୍କ କୃତି ଓ ସଫଳତା ପାଇଁ ସ୍ୱତନ୍ତ୍ର ପରିଚ୍ୟ ସୃଷ୍ଟି କରିପାରିଛି ।ଖେଳ,ନୃତ୍ୟ,ବିଜ୍ଞାନ ମେଳା,ସୁରଭି ଆଦି କ୍ଷେତ୍ରରେ ଚ୍ଳଳିତ ବର୍ଷ ଉଭୟ ଜିଲ୍ଲା ଓ ରାଜ୍ୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବେଳେ ଗତକାଲି ପୁଣି ଦୁଇଟି ସଫଳତା ସମସ୍ତଙ୍କୁ ଉତ୍ସାହିତ କରିଛି ।ପ୍ରକାଶ ଥାଉକି, ଗତକାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଜାତୀୟ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପରୀକ୍ଷାରେ ଯଥାକ୍ରମେ ସନ୍ଧ୍ୟାରାଣୀ ବିଶ୍ୱାଳ ଏବଂ ସମ୍ୟକ ପଣ୍ଡା କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।ସେମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚ୍ଳାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବ୍ଲକ୍ କାର୍ଯ୍ୟାଳୟ ଶୁଭେଚ୍ଛା ଜଣାଇଛନ୍ତି।

# ଯୁବପିଢୀ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ

ଭୁବନେଶ୍ୱର,(ପି.ଏନ): ଏକ ସମୃଦ୍ଧ ପ୍ରଗତିଶୀଳ ବିକଶିତ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ସହଭାଗୀତା ନିତାନ୍ତ ଜରୁରୀ । ଯୁବପିଢୀ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ । ଆଗାମୀ ସମୟର ଭାରତର ନିର୍ମାତା ହେଉଛନ୍ତି ଯୁବ ଶକ୍ତି । ଯୁବ ଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ । ଏଣୁ ଯୁବଶକ୍ତିର ଉପଯୁକ୍ତ ବିନିଯୋଗ ହେବା ଆବଶ୍ୟକ ବୋଲି ଜିଲ୍ଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଆନୁକୂଲ୍ୟରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ଅଣ୍ଡର ସେକ୍ରେଟାରୀ ଜନ୍ମେଜୟ ସାହୁ, ସମ୍ମାନିତ ଅତିଥିରୂପେ ଏନ୍.ସି.ଏସ୍.ସି.ଡି.ଏର ପୂର୍ବତନ ମୁଖ୍ୟ ରାମ କିଶୋର ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସର ପ୍ରକଳ୍ପ ଅଧିକାରୀ ସ୍ମୃତିରନ ଦାଶ, ରେଜିଷ୍ଟ୍ରାର ଜ୍ଞାନ ରନ ମହାନ୍ତି, କାର୍ଯ୍ୟକ୍ରମ ସଂଯୋଜକ ଡ.କାଜଲ ପ୍ରସାର, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୁବ ସଂସଦ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସମସ୍ୟା ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଯଥା ବେଟୀ ବଚାଓ, ବେଟୀ ପଢାଓ, ଖେଲୋ ଇଣ୍ଡିଆ, ପିଏମ୍ ଉଜ୍ଜ୍ୱଳା ଯୋଜନା, ଜନନୀ ସୁରକ୍ଷା ଯୋଜନା, ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ମହିଳା ସମ୍ମାନ ଯୋଜନା, ପିଏମ୍ କିଶାନ ସଂପଦ ଯୋଜନା ସଂପର୍କରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ କୁଳମଣି ମଲ୍ଲିକ୍, ଶୁଭେନ୍ଦ୍ର ନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର

ଭୁବନେଶ୍ୱର,(ପି.ଏନ): ପରିବେଶ, ପରିମଳ, ଜାତୀୟ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଆମ ସମୟର ସବୁଠାରୁ ବଡ଼ ଆହ୍ୱାନ । ‘ସ୍ୱଚ୍ଛତା ହିଁ ପବିତ୍ରତା’ ଏହି ମହାନ୍ ମନ୍ତ୍ରକୁ ଆପଣାଇ ଦୀର୍ଘ ୨୨ବର୍ଷ ଧରି ନିରବଚ୍ଛିନ୍ନ ନିରନ୍ତର ରୂପେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଶ୍ରମଦାନ କରିଆସୁଛନ୍ତି କିଛି ସାମାଜିକ କର୍ମୀ ଓ ସାମାଜିକ ସଙ୍ଗଠନ । ଚଳିତବର୍ଷ ମହାଶିବରାତ୍ରି ପରଦିନ ମନ୍ଦିର ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁ ଛାଡ଼ି ଚାଲି ଯାଇଥିବା ଦୀପ, ବେଲପତ୍ର, ଫୁଲ, କୁଡୁଆ, ପଲିଥିନ୍, ପ୍ଲାଷ୍ଟିକ୍ ପାଣିବୋତଲ ଆଦିକୁ ସ୍ୱେଚ୍ଛାସେବୀ ମାନେ ସଫାସୁତୁରା କରି ବାହାରେ ପକାଇଥିଲେ । ୨୦୦୩ ମସିହାରୁ ପରିବେଶବିତ୍ ସୁଶାନ୍ତ ସାହୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ୨୨ ବର୍ଷ ମଧ୍ୟରେ ଏହି ଶ୍ରମଦାନ ଶିବିରରେ ବିଭିନ୍ନ ସାମାଜିକ ସଙ୍ଗଠନ ଓ ସାମାଜିକ କର୍ମୀ ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇଥାନ୍ତି । ଚଳିତବର୍ଷ ଶିବିରରେ ମିସିଂ ଫାଉଣ୍ଡେସନ, ଧଉଳି ଚାରୁକଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ ଛାତ୍ରଛାତ୍ରୀ, ଚିନ୍ମୟୀ ଫାଉଣ୍ଡେସନ, ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର, ବୁଲ୍‌ସଆଇ ପ୍ରମୁଖ ସାମାଜିକ ସଙ୍ଗଠନ ସାମିଲ୍ ହୋଇଥିଲେ । ଶିବିରକୁ ଧଉଳି ଚାରୁକଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ, ସାମାଜିକ କର୍ମୀ ଗୋପୀମୋହନ ପଟ୍ଟନାୟକ, ରଞ୍ଜନ କୁମାର ଦାଶ, ପ୍ରିୟବ୍ରତ ପଣ୍ଡା, ସନ୍ତୋଷୀ ଜୈନ, ପ୍ରତାପ ଚନ୍ଦ୍ର ପ୍ରଧାନ, ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ସରୋଜକାନ୍ତ ଦାଶ, ସଞ୍ଜୟ ପାଣ୍ଡେ, ଅମରନାଥ ସିଂହ ସାମନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍.ଡ଼ି.ଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ। ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday March 10, 2024 ଭୁବନେଶ୍ୱର ରବିବାର, ମାର୍ଚ୍ଚ ୧୦ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଡିଫା କପ୍ ଫୁଟ୍‌ବଲ୍, ସେମିରେ ଭଦ୍ରକ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ୨୬ତମ ଡିଫା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ଖେଳରେ ଆଜି କଳିଙ୍ଗନଗରର ଫେଜ୍-୧ କ୍ଲବ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରି ଭଦ୍ରକର ୟୁନାଇଟେଡ୍ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧରେ ଭଦ୍ରକର ବାମଦେବ ଟୁଡୁ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ପପୁ ବେସ୍ରା ଅନ୍ୟ ଏକ ଗୋଲ୍ ସ୍କୋର କରିଥିଲେ । ଜବାବ୍‌ରେ ବିପକ୍ଷ କଳିଙ୍ଗନଗରର ବିନ ସଏ ଗୋଟିଏ ଗୋଲ୍ ଦେବାକୁ ସକ୍ଷମ ହୋଇଥିଲେ । ଧର୍ମଶାଳା ଫୁଟ୍‌ବଲ୍ ଆସୋସିଏସନ୍ ଓ ରଣଜିତ୍ ସ୍ୱାଇଁ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଖେଳକୁ ପ୍ରବୋଧ କୁମାର ପାତ୍ର ପରିଚାଳନା କରିଥିବା ବେଳେ ସେକ୍ ସଲିମ୍ ଅହମ୍ମଦ, ଚିତରନ ଜେନା ଓ ଦେବେନ୍ଦ୍ର ଜେନା ଲାଇନ୍‌ରେ ସହାୟତା କରିଥିଲେ । ଭଦ୍ରକର ବାମଦେବ ଟୁଡୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପପୁ ବେସ୍ରାଙ୍କୁ ବେଷ୍ଟ୍ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା । ଡିଫା ସଭାପତି ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଧର୍ମଶାଳାସ୍ଥିତ ଓଡ଼ିଶା ଷ୍ଟେଟ୍ ବିଗ୍ରେଡ୍ ସ୍କୁଲ୍‌ର ଅଧ୍ୟକ୍ଷା ଇତିଶ୍ରୀ ବେହେରା ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଆସନ୍ତାକାଲି ଶେଷ କ୍ୱାର୍ଟର ଫାଇନାଲ୍ ଖେଳ ରାଜକନିକାର ନେତାଜୀ କ୍ଲବ୍ ଓ ଆୟୋଜକ ଡିଫା ମଧ୍ୟରେ ହେବ ବୋଲି ସାଧାରଣ ସଂପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

# ମଧୁବାବୁ ପେନସନ୍ ଯୋଜନାରେ ୨୬୪୧ ଜଣଙ୍କୁ ଭତ୍ତା ବଂଟନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିଅମ ପରିସରେ ଆଜି ୨୬୪୧ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତା ପ୍ରଦାନ କରାଯାଇଛି । ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକଙ୍କୁ ୧ ହଜାର ଲେଖାଏଁ ୨୬ ଲକ୍ଷ ୪୧ ହଜାର ଟଙ୍କା ବଂଟନ କରିଥିଲେ । ଭତାରୁ ବଂଚିତ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଭତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ ଏହି ଭତା ପ୍ରଦାନ କରାଯାଇଛି । ଏହି ନିର୍ଦ୍ଦେଶକ୍ରମେ ଭତା ପାଇଁ ଜାନୁଆରୀ ୩୧ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଆଜି ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ଭତା ପ୍ରଦାନ କରାଯାଇଥିଲା । ଧର୍ମଶାଳା ବ୍ଲକର ୧୧ନଂ ଜୋନ ଅଧିନ ୯ ଗୋଟି ପଂଚାୟତର ୮୧୬ଜଣ , ୧୨ ନଂ ଜୋନ ଅଧିନ ୯ ଗୋଟି ପଂଚାୟତର ୪୮୭ଜଣ, ୧୩ନଂ ଜୋନ ଅଧିନ ୧୦ଟି ପଂଚାୟତର ୩୩୩ ଜଣ, ୧୪ନଂ ଜୋନ ଅଧିନ ୯ ଗୋଟି ପଂଚାୟତର ୪୮୮ଜଣ ଓ ୧୫ନଂ ଜୋନ ଅଧିନ ୮ ଗୋଟି ପଂଚାୟତର ୫୧୭ଜଣ ମୋଟ ୪୫ ଗୋଟି ପଂଚାୟତର ୨୬୪୧ଜଣ ହିତାଧିକାରୀଙ୍କୁ ଏହି ଭତା ପ୍ରଦାନ କରାଯାଇଛି । ବ୍ଲକର ମର୍ଜିତାପୁର ପଂଚାୟତରେ ସର୍ବାଧିକ ୨୦୩ଜଣ ହିତାଧିକାରୀ ଭତା ପାଇଥିବା ବେଳେ ତରିଆ ପଂଚାୟତର ସର୍ବନିମ୍ନ ୪ ଜଣ ହିତାଧିକାରୀଙ୍କୁ ଆଜି ଭତା ପ୍ରଦାନ କରାଯାଇଥିଲା । ଏହି ହିତାଧିକାରୀଙ୍କ ମଧ୍ୟରେ ୧୯୯୪ଜଣ ବୃଦ୍ଧବୃଦ୍ଧା, ୨୬୦ ଜଣ ବିଧବା ଓ ୩୮୭ଜଣ ଭିନକ୍ଷମ ରହିଛନ୍ତି । ଆଜିର ଏହି ଭତା ବଂଟନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଓ ସମସ୍ତ ପଂଚାୟତର ସରପଂଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରନ ବେହେରା, ସହ ଅଧିକାରୀ ରାଜଲକ୍ଷ୍ମୀ ମହାପାତ୍ର, ପ୍ରୋଗ୍ରାମ ସହ ଅଧିକାରୀ ତାପସ କୁମାର ବେହେରା ପ୍ରମୁଖ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସହାୟତା କରିଥିଲେ । ଏହି ଭତା ନେବା ପାଇଁ ଆଜି ଜାରକା ଷ୍ଟାଡିୟମରେ ବହୁ ଭିଡ ଜମିଥିଲା । ଫଳରେ ଷ୍ଟାଡିୟମ ସାମନା ରାସ୍ତାଟି କିଛି ସମୟ ଜାମ ହୋଇରହିବା ଫଳରେ ଉକ୍ତ ରାସ୍ତାରେ ଗାଡିଯାତାୟତ ବାଧାପ୍ରାପ୍ତ ହୋଇଥିଲା । ରାସ୍ତା ଜାମ ଯୋଗୁ ପରିସ୍ଥିତି ଏଭଳି ହୋଇଥିଲା ଯେ ଖବର ପାଇ ପୁଲିସ ସେଠାରେ ପହଁଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା ।

# ଛାତ୍ର ଆଣିବେ ପରିବର୍ତ୍ତନ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ନ୍ତଛାତ୍ର ଆଣିବେ ପରିବର୍ତନନ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନଓ୍ୱାଜ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଦୀର୍ଘ ୨୪ ବର୍ଷର ନବୀନ ଶାସନରେ ଓଡ଼ିଶାର ଛାତ୍ରଛାତ୍ରୀ ଉପେକ୍ଷିତ, ଅବହେଳିତ ଏବଂ ଅତ୍ୟାଚାରିତ, ଶିକ୍ଷା ବ୍ୟବସ୍ଥା ତଳିତଳାନ୍ତ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ଅଧକ୍ଷ ଶିକ୍ଷାର ମାନ ବଢ଼ିଛି ବୋଲି ଯେଉଁ ପ୍ରଚାର କରୁଛନ୍ତି ତାହା ସଂପୂର୍ଣ୍ଣ ମିଥ୍ୟା । ୫ଟି ଅଧକ୍ଷ କଲେଜରୁ କଲେଜ ବୁଲି ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ପାଇଁ ଭୋଟ ଯୋଗାଡ଼ କରିଛନ୍ତି । ମାତ୍ର ଛାତ୍ର ଛାତ୍ରୀମାନଙ୍କର ଅସୁବିଧାକୁ ସମାଧାନ କରିବାପାଇଁ କୌଣସି ସ୍ଥାୟୀ ପ୍ରତିକାର କରିନାହାନ୍ତି । ଏଠି ବିନା ଶିକ୍ଷକରେ ଚାଲିଛି ସ୍କୁଲ,କଲେଜ ଓ ୟୁନିର୍ଭସିଟି । ୩୦୦୦ ପ୍ରାଇମେରୀ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ପାଠ ପଢ଼ାଉଛନ୍ତି । ୬୭୮ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚବିଦ୍ୟାଳୟ ଶିକ୍ଷକ ଅଭାବରୁ ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ବର୍ଗର ବିଦ୍ୟାଳୟରୁ ପ୍ରାୟ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱଶିକ୍ଷକ ଅବସର ନେଇସାରିଲେଣି ହେଲେ ନୂତନ ନିଯୁକ୍ତି ନାହିଁ । ୭୫ ପ୍ରତିଶତ ସ୍କୁଲରେ ଖେଳପଡ଼ିଆ ନାହିଁ । ଶିକ୍ଷା ଅଧିକାର ଆଇନର ବ୍ୟବସ୍ଥା ଅନୁଯାୟୀ ୭୫ ପ୍ରତିଶତ ସ୍କୁଲର ଭିତିଭୂମିର ଷ୍ଟାଣ୍ଡାର୍ଡ଼ ନାହିଁ । ଏଥିରେ ମରାମତିର ଆବଶ୍ୟକତା ରହିଛି । ୩୪ ହଜାର ସ୍କୁଲରେ ଟୟଲେଟ ନାହିଁ, ୧୨ ହଜାର ସ୍କୁଲରେ ବିଜୁଳି ସଂଯୋଗ ନାହିଁ, ୪୨ ହଜାର ସ୍କୁଲରେ କମ୍ପ୍ୟୁଟର ବ୍ୟବସ୍ଥା ନାହିଁ । ୭ ହଜାର ସ୍କୁଲରେ ଆବଶ୍ୟକୀୟ କ୍ଲାସରୁମ ନାହିଁ, ୩୦ ପ୍ରତିଶତ ସ୍କୁଲରେ ପିଇବାପାଣି ନାହିଁ । ସ୍କୁଲରେ ଶିକ୍ଷକ ପଦବୀର ଉତ୍କଟ ଅଭାବ ରହିଛି । ୫ଟି ବ୍ୟବସ୍ଥାରେ ଉନ୍ନତ କରାଯାଇଥିବା ସ୍କୁଲର ସିଲିଂ ଖସିଲାଣି, କାନ୍ଥ ଦୋହଲୁଛି । ମ୍ୟାଟ୍ରିକ ଛାତ୍ର ଦାଦନ ଖଟିବାକୁ ଯାଉଛନ୍ତି । ଲୋକସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଦଶମ ଶ୍ରେଣୀରେ ଡ୍ରପଆଉଟ ସଂଖ୍ୟା ଓଡ଼ିଶାରେ ୫୦ ପ୍ରତିଶତ ଯାହାକି ଦେଶରେ ପ୍ରଥମ । ସପ୍ତମ ଶ୍ରେଣୀର ଛାତ୍ର ଗୁଣନ, ହରଣ ଜାଣି ନାହାନ୍ତି । ମ୍ୟାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ବଜାରରେ ମିଳୁଛି । ଏହା ହେଉଛି ନବୀନମାର୍କା ଗୁଣାତ୍ମକ ଶିକ୍ଷା । ସରକାରୀ ଡିଗ୍ରୀ କଲେଜ ଓ ୟୁନିଭର୍ସିଟିରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀର ଘୋର ଅଭାବ । ଉତ୍କଳ ୟୁନିଭର୍ସିଟିରେ ୫୦ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ କେବଳ ଠିକା ଶିକ୍ଷକମାନଙ୍କ ଦ୍ୱାରା ଚାଲିଛି । ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ୫୭ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡ଼ିଛି ଯାହାର ସଂଖ୍ୟା ପ୍ରାୟ ୧ ହଜାର । ୫୧ଟି ସରକାରୀ ଡିଗ୍ରୀ କଲେଜରେ ୪୫ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ରମାଦେବୀ ବିଶ୍ୱବିଦ୍ୟାଳୟର ନୂଆ କାନ୍ଥ ତିନିମାସ ଭୁଷୁଡ଼ିପଡ଼ିବା ଘଟଣା, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ ଉଦ୍‌ଘାଟନ ଦିନ ଭୁଷିଡ଼ି ପଡ଼ିବା ଘଟାଣାରୁ ଶିକ୍ଷା ବ୍ୟବସ୍ଥାର ଭିତିଭୂମି ନିର୍ମାଣରେ ନବୀନ ସରକାର କିପରି ଦୁର୍ନୀତି କରୁଛି ତାହା ସ୍ପଷ୍ଟ ହୋଇପଡୁଛି । ଜାଲ ସାର୍ଟିଫିକେଟରେ ସରକାରୀ ଡିଗ୍ରୀ କଲେଜରେ ଆଡମିଶନ ଚାଲିଥିଲା ବେଳେ ଏହି ର୍ୟାକେଟରେ ବିଜୁ ଜନତା ଦଳର କର୍ମକର୍ତାମାନେ ସଂପୃକ୍ତ ରହିଛନ୍ତି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାଜ୍ୟର ଅନ୍ୟାନ୍ୟ ସରକାରୀ ଡିଗ୍ରୀ କଲେଜରେ ଏହି ଘଟଣା ଘଟିଥିବାର ସ୍ପଷ୍ଟ ହୋଇଛି । ବିରୋଧି ଦଳକୁ ଭୟ କରି ନବୀନ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଦେଇଛନ୍ତି । ନିର୍ବାଚନ ହୋଇଥିଲେ ନବୀନ ସରକାରର ଦୁର୍ନୀତି ବିରୋଧରେ ଯେଉଁ ଆନ୍ଦୋଳନ ହୋଇଥାନ୍ତା ସେଥିରୁ ମୁକ୍ତି ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଛି । କ୍ୟାମ୍ପସରେ ବିଜୁ ଛାତ୍ର ଜନତା ଦଳର ଆତଙ୍କରାଜ ଚାଲିଛି । ସେମାନେ ଶିକ୍ଷାନୁଷ୍ଠାନରେ ଠିକାଦାରୀ କରୁଛନ୍ତି । ର୍ୟାଗିଂ କ୍ଷେତ୍ରରେ ଶୀର୍ଷରେ ଥିବା ୫ଟି ରାଜ୍ୟ ମଧ୍ୟରୁ ଓଡ଼ିଶାର ସ୍ଥାନ ଚତୁର୍ଥରେ ଏଣୁ ଏଠାରେ ହୋଇଥିବା ଆଂଟି ର୍ୟାଗିଂ କମିଟି ଏକ ପ୍ରହସନ । ସମସ୍ତ ର୍ୟାଗିଂ ଘଟଣାରେ ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତା ଓ ସମର୍ଥକ ସଂଶ୍ଳିଷ୍ଟ । ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତି ର୍ୟାଗିଂରେ ଶିକାର ହୋଇ ଆତ୍ମହତ୍ୟା କରିଥିବା ବେଳେ ନବୀନ ସରକାର ଏହି ଘଟଣାକୁ ଚପାଇ ଦେଇଛନ୍ତି । ରୁଚିକା ମହାନ୍ତିର ମା'କୁ ପୋଲିସ ବିଜେବି କଲେଜ ଫାଟକ ପାଖରୁ ବାଡ଼େଇ ବାଡ଼େଇ ବିଦା କରିଦେଇଛି । ଖଲିକୋଟ ଜୁନିୟର କଲେଜର ଜଣେ ଛାତ୍ରୀଙ୍କୁ କିଭଳି ଭାବରେ ବିଜୁ ଛାତ୍ର ଜନତା ଦଳର କର୍ମକର୍ତାମାନେ ର୍ୟାଗିଂ କରିଥିଲେ ତାହା କ'ଣ ଏ ରାଜ୍ୟର ଅଭିଭାବକ ମାନେ ପାଶୋରି ଯିବେ । ରମାଦେବୀର ଛାତ୍ରୀ ର୍ୟାଗିଂ ସହ୍ୟ କରିନପାରି ଟିସି ନେଇଯିବା ଘଟଣା ମଧ୍ୟ ଚର୍ଚ୍ଚାକୁ ଆସିଥିଲା । କଲେଜରେ ମୋଦି ଓ ନବୀନ ଫଟୋ ପ୍ରତିଯୋଗିତା ଚାଲିଛି । ସମନ୍ୱିତ ଯୁବ ବିକାଶ ଯୋଜନା ଏବଂ ନୂଆ-ଓ ଯୋଜନାରେ ନାଚଗୀତ, ଖେଳକୁଦ, ଭୋଜିଭାତ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରାଗଲା । କିନ୍ତୁ ମୌଳିକ ଆବଶ୍ୟକତାକୁ ପୂରଣ କରାଗଲା ନାହିଁ । ନିର୍ବାଚନ ପୂର୍ବରୁ ଛାତ୍ରଛାତ୍ରୀଙ୍କ ଭୋଟକୁ ହାତେଇବା ପାଇଁ ଏହା ଏକ ନାଟକବାଜୀ ଥିଲା । ନବୀନ ସରକାର ଯେଉଁ ସରକାରକି ସିଏଜିଙ୍କର ରିପୋର୍ଟ ଅନୁଯାୟୀ ୧୫ କୋଟି ଟଙ୍କା ଛାତ୍ରବୃତିରୁ ଲୁଟ କରିଛନ୍ତି ସେହି ସରକାର ଯେଉଁ ଛାତ୍ରବୃତି ଘୋଷଣା କରିଛନ୍ତି ତାହା କେବଳ ନିର୍ବାଚନ ପୂର୍ବରୁ ପ୍ରଲୋଭନ । ନିର୍ବାଚନ ପରେ ବିଜୁ ଯୁବବାହିନୀ ଯୋଜନା ବନ୍ଦ ହୋଇଯିବା ଭଳି ଏହି ଯୋଜନା ମଧ୍ୟ ନଥିବ । ସେହିଭଳି ସ୍ୱୟଂ ଯୋଜନାରେ ଯେଉଁ ୧ଲକ୍ଷ ଟଙ୍କାର ଋଣ ବ୍ୟବସ୍ଥା କରାଯାଇଛି ଜମି ବନ୍ଧକ ନ ଦେଲେ ସେହି ଋଣ ମିଳିବ ନାହିଁ । ଋଣ ସୁଝି ନପାରିଲେ ଜମି ଚାଲିଯିବ । ନିର୍ବାଚନ ଖୁବଶୀଘ୍ର ହେଉଥିବାରୁ ଏହି ଯୋଜନାରେ ଅଧିକ ଯୁବକ ଯୁବତୀ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ । ନିର୍ବାଚନ ପରେ ନବୀନ ସରକାର ନଥିବ । ଏଣୁ କେବଳ ନିର୍ବାଚନ ଥିବାରୁ ଏହି ଯୋଜନା କରାଯାଇଛି । ଆଜି ରାଜ୍ୟରେ ୨ଲକ୍ଷ ୨୬ ହଜାର ସରକାରୀ ପଦବୀ ଖାଲି ପଡ଼ିଛି । ୧୦ଲକ୍ଷ ବେକାର ଯୁବକ ଯୁବତୀ ନାମ ପିକରଣ କରାଇ ନିଯୁକ୍ତି ପାଇଁ ଚିତ୍କାର କରୁଛନ୍ତି । ବର୍ଷକୁ ୨ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଇ ନବୀନ ସରକାର ଓଡ଼ିଶାର ଯୁବ ଓ ଛାତ୍ର ସମାଜକୁ ପ୍ରତାରିତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଗାମ ଜିଲ୍ଲାରୁ ଅଧିକ ଯୁବକ ଯୁବତୀ ନିଜର କର୍ମସଂସ୍ଥାନ ପାଇଁ ସୁରଟର ସୂତାକଳ ଓ ଆନ୍ଧ୍ରର ଇଟାଭାଟିକୁ କାମ କରବାକୁ ପଳାଉଛନ୍ତି । ଓଡ଼ିଶାର ଖଣିଜ ସମ୍ପଦକୁ ବ୍ୟବହାର କରି ଯେଉଁ ଶିଳ୍ପ ପ୍ରତିଷ୍ଠା ହେଉଛି ସେହି ଶିଳ୍ପରେ ଓଡ଼ିଆ ବେକାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ନାହିଁ । ନବୀନ ସରକାର ନୀରବ ।ସୁତରାଂ ଛାତ୍ର କଂଗ୍ରେସ ନ୍ତଛାତ୍ର ଆଣିବେ ପରିବର୍ତନନ୍ତ ର ଆହ୍ୱାନ ଦେଇଛନ୍ତି । ଅତ୍ୟାଚାରୀ, ଭ୍ରଷ୍ଟାଚାରୀ, ଦୁର୍ନତିଖୋର, ଛାତ୍ରବିରୋଧି ନବୀନ ସରକାରର ପତନ ପାଇଁ ଛାତ୍ର କଂଗ୍ରେସର କର୍ମକର୍ତାମାନେ ସହରରୁ ଗାଁ ପର୍ଯ୍ୟନ୍ତ ଯାଇଁ ଛାତ୍ରମାନଙ୍କୁ ବୁଝାଇବେ, ସାଧାରଣ ଜନତାଙ୍କୁ ବୁଝାଇବେ । ଅଗାମୀ ନିର୍ବାଚନରେ ପରିବର୍ତନର ସୂତ୍ରଧର ହେବାପାଇଁ ନିବେଦନ କରିବେ । ଆଜିର ସାମ୍ବାଦିକ ସମ୍ମିଳନୀରେ ଛାତ୍ର କଂଗ୍ରେସ ଉପସଭାପତି ସୁନିଲ ମାଟିଆ, ସାଧାରଣ ସମ୍ପାଦକ ଭାଗ୍ୟଶ୍ରୀ ମହାନ୍ତି, ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ତେଜରାତି ଦୋକାନରୁ ୨ଥର ଚୋରି

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଭବାନୀପୁର ପଂଚାୟତ ଭୁବନ(ସାନମାଳସାହି) ଗାଁରେ ଥିବା ରବୀନ୍ଦ୍ର ବେହେରାଙ୍କ ତେଜରାତି ଦୋକାନରୁ ଦୁଇ ସପ୍ତାହ ମଧ୍ୟରେ ୨ ଥର ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି । ଅଭିଯୋଗ ପାଇ ପୁଲିସ୍ ସନ୍ଧାନୀ କୁକୁର ମାଧ୍ୟମରେ ଘଟଣାର ତଦନ୍ତ କରିଥିଲେ ମଧ୍ୟ ଚୋରି ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ଅଭିଯୋଗରୁ ପ୍ରକାଶ ଯେ, ଗତ ୫ତାରିଖ ବିଳମ୍ବିତ ରାତିରେ ଭୁବନ ଗାଁ ସାନମାଳସାହି ଛକସ୍ଥିତ ରବୀନ୍ଦ୍ର ବେହେରାଙ୍କ ତେଜରାତି ଦୋକାନର ତାଲା ଭାଙ୍ଗି ଚୋରମାନେ ଓଜନ କଣ୍ଟା, ଅମୁଲ୍, ତେଲ, ଚା', ବିସ୍କୁଟ୍, ଟଙ୍କା ଆଦି ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି । ଏ ସଂପର୍କରେ ରବୀନ୍ଦ୍ରଙ୍କ ପୁଅ ହରିଶ୍ ଚନ୍ଦ୍ର ବେହେରା ଗତକାଲି ଥାନାରେ ଏତଲା ଦେଇଥିଲେ । ସେହିପରି ଗତ ଫେବ୍ରୁଆରୀ ୨୧ତାରିଖରେ ଚୋରମାନେ ଅନୁରୂପ ଭାବେ ରବୀନ୍ଦ୍ରଙ୍କ ଗୋଦାମ ତାଲା ଭାଙ୍ଗି ପ୍ରାୟ ୪୦ହଜାର ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ । ଏ ସଂପର୍କରେ ରବୀନ୍ଦ୍ର ଗତ ୨୨ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଉକ୍ତ ଚୋରିର ଦୁଇ ସପ୍ତାହ ମଧ୍ୟରେ ପୁଣି ଚୋରି ହେବା ଘଟଣା ପୁଲିସ୍‌ର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଧର୍ମଶାଳାର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ଶୈବପୀଠରେ ଆଜି ମହାଶିବରାତ୍ରି ଓ ଜାଗରଯାତ୍ରା ଅନୁଷ୍ଠିତ ହୋଇଛି । ଜାରକା ନିକଟ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ସକାଳ ସମୟରେ ମହାଦେବଙ୍କ ଯଥାବିଧି ପୂଜାର୍ଚ୍ଚନା ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ମହାଦେବଙ୍କ ଦର୍ଶନ କରିଥିଲେ । ମନ୍ଦିର ପରିଚାଳନା ଟ୍ରଷ୍ଟି ବେଣୁଧର ନାୟକ, ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ସ୍ୱାଇଁ, ବିଜୟ ପ୍ରସାଦ ରାୟ, ଦୁଃଶାସନ ସ୍ୱାଇଁ, ବାବୁଲି ସାମଲ, ପ୍ରଫୁଲ୍ଲ କୁମାର ରାୟ, ନନ୍ଦ କିଶୋର ସ୍ୱାଇଁ, ଉଲ୍ଲାସ କୁମାର ସାମଲ, ଗୁଣନିଧି ସ୍ୱାଇଁ, ଶ୍ୟାମସୁନ୍ଦର ରାୟ, ବିଚିତ୍ର କୁମାର ସ୍ୱାଇଁଙ୍କ ସମେତ ଦେଉଳିପାଳ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । ରାତି ୧୦.୩୦ରେ ମହାଦୀପ ଉଠିଥିଲା । ପୁଲିସ୍ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ସେହିପରି ଜାରକା ତ୍ରିନାଥ ମନ୍ଦିର, ନୀଳାଦେଇପୁରର ଜ୍ଞାନେଶ୍ୱର ପୀଠ, କୋତପୁର ବୁଦ୍ଧଲିଙ୍ଗ ମହାଦେବ, ପାଳପଡ଼ା ପାଳେଶ୍ୱର, ପାଟପୁର ମାନେଶ୍ୱର, ଜାରକା ଚନ୍ଦନେଶ୍ୱର, ପଣ୍ଡୁଆ ଶିବମନ୍ଦିର, ଚୋରମୁହାଁ ନଣ୍ଡା ମହାଦେବ, ସାଲେପୁର ସ୍ୱପ୍ନେଶ୍ୱର ମହାଦେବ, ଖରିପଡ଼ିଆ ମଣିମନ୍ଦିର, ପଳାର ମହାଦେବ ମନ୍ଦିର, ନୂଆଗାଁ ଶିବ ମନ୍ଦିର, ଉତର ଶାସନ ନଣ୍ଡା ମହାଦେବ, ଅନନ୍ତେଶ୍ୱର ମନ୍ଦିର, ଚମ୍ପାଝର ଆଦି ସମସ୍ତ ଶିବ ମନ୍ଦିରରେ ଜାଗରଯାତ୍ରା ସଂପନ୍ନ ହୋଇଛି । ରାତି ୧୧ଟା ସୁଦ୍ଧା ସମସ୍ତ ଶିବମନ୍ଦିରରେ ମହାଦୀପ ଉଠିଛି । ଏଥିସହ ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମରେ ଶିବପାର୍ବତୀଙ୍କ ମେଢ଼ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ବିଭିନ୍ନ ସ୍ଥାନରେ ଭଜନକିର୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି ।






Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray